ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ମଙ୍ଗଳବାର ୩୦ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 July 2024
Vol.No. 35 ■ No.204 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ବନ୍ଧା ହେଲେ ବନ୍ଧୁକ ଗ୍ୟାଙ୍ଗ

ଭୁବନେଶ୍ୱର, ୨୯/୭ (ନି.ପ୍ର): ନୂଆ ଗ୍ୟାଙ୍ଗ, ନୂଆ ଷ୍ଟାଇଲ। ବିହାରରୁ ଆଣୁଥିଲେ ବନ୍ଧୁକ। ଭୁବନେଶ୍ୱରରେ ଖେଳାଉଥିଲେ ଆତଙ୍କ। ସୁପାରିଂ କିଲିଂଠୁ ଆରମ୍ଭ କରି କିଡନାପିଂ, ବାଲିଘାଟ ନିଲାମ ଓ ଟେଣ୍ଡର ଫିକ୍ସିଂ ଭଳି ଡିଲ୍ କରୁଥିଲେ। ଯାହାର ପର୍ଦ୍ଦାଫାସ କରିଛି କମିଶନରେଟ୍ ପୁଲିସର ସ୍ପେଶାଲ ସ୍କ୍ୱାର୍ଡ। ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ରଶ୍ମି ରଂଜନ ସ୍ୱାଇଁ ସମେତ ଉତ୍କଳ କେଶରୀ ଖୁଣ୍ଟିଆ, ଆକାଶ ଚନ୍ଦ୍ର ଜେନା, ଚିରଞ୍ଜୀବି ଜେନା ଓରଫ ଚିକୁ, ମହମ୍ମଦ ସମସେର ଓ ସେକ ଆଜାରୁଦ୍ଦିନଙ୍କୁ ଗିରଫ କରିଛି ପୁଲିସ । ପୁଲିସ କମିଶନର ସଂଜୀବ ପଣ୍ଡା କହିଛନ୍ତି, ରାତ୍ରିକାଳୀନ ଚେକିଂ ବେଳେ ଗ୍ୟାଙ୍ଗର ସଦସ୍ୟ ମାନଙ୍କୁ ଧରିଥିଲା କମିସନରେଟ ପୁଲିସର ସ୍ପେଶାଲ ସ୍କ୍ୱାର୍ଡ। ଆଉ ସେମାନଙ୍କୁ ଯାଞ୍ଚ କଲାବେଳେ ସମସ୍ତଙ୍କ ପକେଟରୁ

▶▶ପୃଷ୍ଠା ୭

# ରତ୍ନଭଣ୍ଡାରରେ ଗୁପ୍ତ କୋଠରୀ ଓ ରହସ୍ୟ ସୁଡ଼ଙ୍ଗ: ସନ୍ଦେହ ପାଇଁ ଟେକ୍ନୋଲୋଜି ପ୍ରୟୋଗ ପ୍ରସ୍ତାବ



ପୁରୀ, ୨୯/୭ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିଲା, ଅଳଙ୍କାର ସବୁ ସ୍ଥାନାନ୍ତର ହେଲା । ହେଲେ ଭଣ୍ଡାର ଘରକୁ ଲାଗି ରହିଛି କି ଆହୁରି ଗୁପ୍ତ କୋଠରୀ ଓ ସୁଡ଼ଙ୍ଗ । ଏ ଚର୍ଚ୍ଚାରେ କିନ୍ତୁ ପୂର୍ଣ୍ଣଚ୍ଛେଦ ପଡ଼ିନି । ସେ ଦ୍ୱନ୍ଦ୍ୱ ଦୂର ଲାଗି ପ୍ରଥମେ ଉନ୍ନତ ଟେକ୍ନୋଲୋଜି ପ୍ରୟୋଗ କରି ସନ୍ଦେହ ମୋଚନ ସାରିବା ପରେ ଯାଇ ଭଣ୍ଡାର ଘର ମରାମତି କାମ ଆରମ୍ଭ ହେବ ବୋଲି କହିଛନ୍ତି ତଦାରଖ କମିଟି ମୁଖ୍ୟ ଜଷ୍ଟିସ ବିଶ୍ୱନାଥ ରଥ । ଏଥିପାଇଁ ସରକାରଙ୍କୁ ଅବଗତ କରାଯିବ । ତେଣେ କମିଟିର ଆଉ ଜଣେ ସଦସ୍ୟ କହିଲେଣି- ରତ୍ନଭଣ୍ଡାରରୁ ଅଳଙ୍କାର ଚୋରି ସନ୍ଦେହ ହେଉଥିବାରୁ ଏ ନେଇ ଅପରାଧିକ ମାମଲା ରୁଜୁ କରାଯାଇପାରେ । ରତ୍ନଭଣ୍ଡାର ଭିତରେ ଅଛି କି କୌଣସି ଗୁପ୍ତ କୋଠରୀ? ଭିତର ଭଣ୍ଡାରକୁ ଲାଗି ରହିଛି କି ରହସ୍ୟମୟ ସୁଡ଼ଙ୍ଗ? ବିଭିନ୍ନ ସମୟରେ ଶ୍ରୀମନ୍ଦିର ଗବେଷକ ଓ ଐତିହାସିକଙ୍କ ମତ ପରେ କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମନରେ ଉଦବେଳିତ ଏ ସଂଶୟ ଦୂର ପାଇଁ ଉଦ୍ୟମ କରିଛି ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି । ଆଜି ପୁରୀରେ ବୈଠକ ପରେ କମିଟି ମୁଖ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି- ଲୋକଙ୍କ ଭାବାବେଗକୁ ଆମେ ଗୁରୁତ୍ୱ ଦେଉଛୁ । ଯେପରି ଭବିଷ୍ୟତରେ ଆଉ ଦ୍ୱନ୍ଦ୍ୱ ନ ଆସିବ ତାକୁ ଆଖି ଆଗରେ ରଖି ଏକଥା ଜାଣିବାକୁ ଉନ୍ନତ ଟେକ୍ନୋଲୋଜିର ପ୍ରୟୋଗ ପାଇଁ କହିଛୁ । ଯଦି କିଛି ପାଇବା, ତାହାଲେ ଆଗକୁ ବଢ଼ିବା, ନଚେତ ମରାମତି କରିବା । ଜଷ୍ଟିସ୍ ରଥ ଆହୁରି ମଧ କହିଛନ୍ତି- ରତ୍ନ ଭଣ୍ଡାରରୁ ସମସ୍ତ ଧନରତ୍ନ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍ ?କୁ ସ୍ଥାନାନ୍ତର କରାଯିବା ପରେ ଏବେ ସେଠି ରହିଥିବା ଖାଲି ଆଲମିରା ସବୁକୁ କଢ଼ାଯିବ । ମନ୍ଦିର ପ୍ରଶାସନ ଏଥିପାଇଁ କୋଠରୀ ନିର୍ଦ୍ଧାରଣ କରିସାରିଛି । ଯେହେତୁ ଏହା ଝଡଚରେ ନଥିଲା, ସେଥିଲାଗି ପରିଚାଳନା କମିଟି ଜଣାଇଛୁ, କମିଟି ସରକାରଙ୍କୁ ଅବଗତ କରିବ। ଯେହେତୁ ମନ୍ଦିର ବହୁ ପୁରୁଣା, ତେଣୁ ତାର ଡାଞ୍ଚ

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଅବକାରୀ ଜଏଣ୍ଟ କମିଶନର: ମାଳ ମାଳ ଘର ଓ ଫ୍ଲଟ୍ ଠାବ



ଭୁବନେଶ୍ୱର, ୨୯/୭ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଭୁବନେଶ୍ୱର ଅବକାରୀ ବିଭାଗର ଜଏଣ୍ଟ କମିଶନର ରାମଚନ୍ଦ୍ର ମିଶ୍ର। ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ତାଙ୍କର ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇଥିବା ବେଳେ ଠାବ ହୋଇଛି ଆଖି ଖୋସିଦେଲା ଭଳି ସଂପତ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କର ୫୨ଟି ପ୍ଲଟ୍ ସହିତ ୬ଟି କୋଠା ଓ ୨ଟି ଫ୍ଲାଟ୍ ଅଛି। ତା' ସହିତ ତାଙ୍କର ଗୋଟିଏ ରାଇସ୍ ମିଲ୍ ଅଛି। ଅବକାରୀ ବିଭାଗର ଜଏଣ୍ଟ କମିଶନର ରାମଚନ୍ଦ୍ର ମିଶ୍ରଙ୍କର ୫୨ଟି ପ୍ଲଟ୍ ମଧ୍ୟରୁ ୨ଟି ସମ୍ବଲପୁରରେ, ୩ଟି ବଲାଙ୍ଗିରରେ ଓ ବାକି ୪୭ଟି ସୁବର୍ଣ୍ଣପୁରରେ ରହିଛି। ସେହିପରି ୬ଟି କୋଠା ମଧ୍ୟରୁ ଭୁବନେଶ୍ୱରର ଆଇଗିଣିଆରେ ତାଙ୍କର ଏକ ଡୁପ୍ଲେକ୍ସ ଅଛି। ବଲାଙ୍ଗିରର ଠିକାଦାରପଡ଼ାରେ ତାଙ୍କର ଦୁଇଟି ତିନି ମହଲା ବିଶିଷ୍ଟ କୋଠା ସହିତ ଗୋଟିଏ ଏକ ମହଲା ବିଶିଷ୍ଟ ଘର ଅଛି। ସମ୍ବଲପୁର ଜିଲ୍ଲାର ବୁର୍ଲାରେ ତାଙ୍କର ଗୋଟିଏ ଦୁଇ ମହଲା ବିଶିଷ୍ଟ କୋଠା ଅଛି। ସୁବର୍ଣ୍ଣପୁରରେ ତାଙ୍କର ଗୋଟିଏ ଏକ ମହଲା ବିଶିଷ୍ଟ କୋଠା ଅଛି। କେବଳ ଏତିକି ନୁହେଁ, ଭୁବନେଶ୍ୱରର ଖାରବେଳ ନଗରରେ ଥିବା ଚନ୍ଦ୍ରମା କମ୍ପ୍ଲେକ୍ସରେ ଶ୍ରୀ ମିଶ୍ରଙ୍କର ଏକ ଟୁ-ବିଏଚ୍‌କେ ଫ୍ଲାଟ୍ ଅଛି।

▶▶ପୃଷ୍ଠା ୭

# ବଜେଟ୍ ଗେମ୍ ଚେଞ୍ଜର ନୁହେଁ, ନେମ୍ ଚେଞ୍ଜର: ନବୀନ ପଟ୍ଟନାୟକ




ଭୁବନେଶ୍ୱର, ୨୯/୭ (ନି.ପ୍ର): ରାଜ୍ୟ ବଜେଟ୍ ଗେମ୍ ଚେଞ୍ଜର ନୁହେଁ, ନେମ୍ ଚେଞ୍ଜର । ବିଧାନସଭାରେ ବଜେଟ୍ ଆଲୋଚନା ବେଳେ ଆଜି ଏଭଳି ଢଙ୍ଗରେ ମନ୍ତବ୍ୟ ରଖି ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । କହିଛନ୍ତି, ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ପୂର୍ବ ବିଜେଡି ସରକାରର ୮୦ ପ୍ରତିଶତରୁ ଅଧିକ ଯୋଜନା ଆପଣାଇଛନ୍ତି । ବାକି ୨୦ ପ୍ରତିଶତ ସରକାର ପ୍ରତିଶ୍ରୁତି ଉପରେ କହୁଛନ୍ତି ବୋଲି କହିଛନ୍ତି ନବୀନ । ସୁଭଦ୍ରା ଯୋଜନା ଲାଗି ୧ ଲକ୍ଷ କୋଟି ଦରକାର । ମାତ୍ର ବଜେଟରେ ଅଛି ୧୦ ହଜାର କୋଟି । ସେହିପରି ଜୁଲାଇରୁ ଲୋକେ ମାଗଣା ବିଜୁଳି ବିଲ୍ ଅପେକ୍ଷାରେ ଅଛନ୍ତି ବୋଲି କହି ନବୀନ ସମାଲୋଚନା କରିଛନ୍ତି। ତେବେ ନବୀନଙ୍କୁ ଏକାଧିକ ପ୍ରଶ୍ନ କରିବା ସହ କାଉଣ୍ଟର କରିଛି ଶାସକ ବିଜେପି। ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ସୋହେଲାରେ ଧାନ ବୋନସ୍ ଶହେ ଟଙ୍କା ଘୋଷଣା କିଏ କରିଥିଲେ ? ପିଠା ଯୋଜନା

▶▶ପୃଷ୍ଠା ୭

# ଧର୍ମଶାଳା ବିଜେଡି ଦୁଇଫାଳ



ଧର୍ମଶାଳା, ୨୯/୭ (ନି.ପ୍ର): ଆଶଙ୍କା ଓ ଅନିଶ୍ଚିତତା ଭିତରେ ବିଜେଡି । କଣ ହେବ ଦଳର ଭବିଷ୍ୟତ ? କେମିତି ଚାଲିବ ଦଳ? ସନ୍ନ୍ୟାସ ପରେ ବି କାହିଁକି ପାଣ୍ଡିଆନଙ୍କ ଇସାରାରେ ଚାଲିଛି ବିଜେଡି ? ନେତା ଓ କର୍ମୀଙ୍କ ମନରେ ଏମିତି ହଜାରେ ପ୍ରଶ୍ନ । ଆଉ ଏମିତି ସ୍ଥିତିରେ ଫାଳ ଫାଳ ହେବାରେ ଲାଗିଛି ବିଜେଡି ! ଯାହାର ସଦ୍ୟ ଉଦାହରଣ ହେଲା, ଧର୍ମଶାଳାରେ ବିଜେପିର ମିଶ୍ରଣ ପର୍ବ । ସରାକର ଗଠନର ୨ ମାସ ନ ପୂରୁଣୁ, ବିଜେଡି ଛାଡି ବିଧାୟକ ହିମାଂଶୁ ସାହୁଙ୍କ କ୍ୟାଂପରେ ଯୋଗ ଦେଇଛନ୍ତି ବିଜେଡି ସମର୍ଥିତ ୮ ସରପଞ୍ଚ ଆଉ ୧୩ ସମିତି ସଭ୍ୟ। ୨୪ ବର୍ଷ ହେଲା ଶାସକ ଦଳରେ ତଥା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସହ ଥିବା ଏହି ଗୋଷ୍ଠୀ ହଠାତ୍ ବିଜେଡି ହାତ ଛାଡି ଦେଇଛନ୍ତି । କୁହାଯାଉଛି ଏହା ପଛରେ ରହିଛି ବିଜେଡି କନ୍ଦଳ। କଟକରେ ବି ତୀବ୍ର ହୋଇଛି କନ୍ଦଳ। ପରାଜୟକୁ ନେଇ ମୁହାଁମୁହିଁ ହୋଇଛନ୍ତି କଟକ ବିଜେଡିର ଦୁଇ ଗୋଷ୍ଠୀ। ଏମିତିକି ପରାଜୟ ପଛରେ ଗଣମାଧ୍ୟମ ଆଗରେ ଉଭୟ ଗୋଷ୍ଠୀ ପରସ୍ପରକୁ ଦାୟୀ କରିବାକୁ ପଛାଇ ନାହାନ୍ତି। କଟକ ଯୁବ ଛାତ୍ରର ଗୋଟିଏ ଗୋଷ୍ଠୀ ପରାଜୟ ପଛରେ କର୍ପୋରେଟରଙ୍କୁ ଦାୟୀ କରିବା ସହ ନିର୍ବାଚନ ବେଳେ ବିଜେଡି ପ୍ରାର୍ଥିତ୍ୱକୁ ବିରୋଧ କରି ସୁପ୍ରିମୋଙ୍କ ପାଖରେ ଫେରାଦ ହୋଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପଟେ କର୍ପୋରେଟର ଗୋଷ୍ଠୀ କହିଛନ୍ତି ଆମେ କାମ କରିଛୁ, ହେଲେ ଯୁବ-ଛାତ୍ର ମାନେ ସଠିକ୍ ଭାବେ କାମ କରି ନଥିବାରୁ ଦଳ ହାରିଲା। ସମାନ ଚିତ୍ର ଦେଖିବାକୁ ମିଳିଛି ପାରାଦୀପ ବିଜେଡିରେ। ପୂର୍ବରୁ ବି ପରାଜୟ ପଛରେ ଢୋଲ ଭିତରେ

▶▶ପୃଷ୍ଠା ୭

## ରାଜଧାନୀରେ ଜୁଆ ଖେଳ: ୧୨ ଲକ୍ଷ ଟଙ୍କା ଜବତ, ୯ ଗିରଫ

ଭୁବନେଶ୍ୱର, ୨୯/୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଏକ କଲ୍ୟାଣମଣ୍ଡପରେ ଚାଲିଥିଲା ଜୁଆ ଖେଳ। କମିଶନରେଟ୍ ପୁଲିସ୍ ଚଢ଼ଉ କରି ୯ ଜଣ ଜୁଆଡିଙ୍କୁ ଗିରଫ କରିଛି। ଏଥିସହ ନଗର ୧୨ ଲକ୍ଷ ଟଙ୍କା, ୩ଟି କାର ଓ ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ ଅଞ୍ଚଳର ବୋଲି ପୁଲିସ୍ କହିଛି। କଟକ-ପୁରୀ ବାଇପାସ୍‌ର କେଶୁରା ଛକରେ ଥିବା ଏକ କଲ୍ୟାଣମଣ୍ଡପରେ ଦୀର୍ଘ ଦିନ ଧରି ଜୁଆ ଖେଳ ଚାଲିଥିଲା। ହେଲେ ପ୍ରମାଣ ଅଭାବରୁ କମିଶନରେଟ୍ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନଥିଲା। ଆଜି ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶରେ ବଡଗଡ ଥାନା ପୁଲିସ୍ ଅଚାନକ କଲ୍ୟାଣମଣ୍ଡପରେ ଚଢ଼ଉ କରିଥିଲା। ପୁଲିସ୍‌କୁ ଦେଖି ସେମାନେ ଏତେତେଣେ ଦୌଡ଼ିଥିଲା। ପୁଲିସ୍ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଥିଲା। କମିଶନରେଟ୍ ପୁଲିସ୍ ସେଠାରୁ ୯ ଜୁଆଡିଙ୍କୁ ଧରିବାରେ ସଫଳ ହୋଇଥିଲା। ଏଥିସହ ନଗର ୧୨ ଲକ୍ଷ ଟଙ୍କା, ୩ଟି କାର ଓ ମୋବାଇଲ

▶▶ପୃଷ୍ଠା ୭

# ୩୧ ଓ ୧ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା !

ଭୁବନେଶ୍ୱର, ୨୯/୭ (ନି.ପ୍ର): ଆସନ୍ତା ୩୧ ଓ ୧ ତାରିଖରେ ଓଡ଼ିଶାରେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଆଜି ଦିନ ତମାମ ରାଜଧାନୀ ଭୁବନେଶ୍ୱରର ପାଗ କାଉଁଳିଆ ରହିଥିଲା। ହେଲେ ସନ୍ଧ୍ୟା ବେଳେ ପ୍ରବଳ ବର୍ଷିଥିଲା। ଯେଉଁଥିପାଇଁ ରାଜଧାନୀରେ ଅନେକ ସ୍ଥାନ ଜଳମଗ୍ନ ହୋଇ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ମଙ୍ଗଳବାର ଉତ୍ତର ଓଡ଼ିଶାରେ ପ୍ରବଳବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩୧ ତାରିଖ ବୁଧବାର ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ ଓ ନୟାଗଡ଼ ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ବୌଦ୍ଧ, କୋରାପୁଟ ଓ ମାଲକାନଗିରି

▶▶ପୃଷ୍ଠା ୭

## ନାବାଳକଙ୍କୁ ଡ୍ରାଇଭ୍ ମନା: ଛକ ଛକରେ ଚାଲିଛି ଚେକିଂ

ଭୁବନେଶ୍ୱର, ୨୯/୭ (ନି.ପ୍ର): ନାବାଳକଙ୍କୁ ଡ୍ରାଇଭ୍ ମନା। ଆଉ ଗାଡ଼ି ଚଳାଇ ପାରିବେନି ନାବାଳକ। ତାଙ୍କୁ ଆଉ ମିଳିବନି ନିସ୍ତାର। ଆଜିଠୁ ଚେକିଂ କଡ଼ାକଡ଼ି କରାଯାଇଛି। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଦୁଇ ଦିନିଆ ସ୍ପେଶାଲ ଡ୍ରାଇଭ ଚାଲିଛି। ବିଶେଷକରି ନାବାଳକଙ୍କ ଗାଡ଼ି ଡ୍ରାଇଭ ରୋକିବାକୁ ଜୋରଦାର ଚାଲିଛି ଚେକିଂ। ଛକ ଛକରେ ଗାଡ଼ିକୁ ଅଟକାଇ ଯାଞ୍ଚ କରୁଛି ପୁଲିସ ଓ

▶▶ପୃଷ୍ଠା ୭

# ଅଭିମନ୍ୟୁଙ୍କ ଭଳି ଭାରତକୁ ୬ ଜଣ ଚକ୍ରବ୍ୟୁହରେ ଫସାଇଛନ୍ତି: ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୨୯/୭ : ମହାଭାରତର ଚକ୍ରବ୍ୟୁହ ଉଦାହରଣ ଦେଇ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ଆଜି ଲୋକସଭାରେ ଅଭିଭାଷଣ ରଖି ରାହୁଲ ଗାନ୍ଧି କହିଛନ୍ତି, ଅଭିମନ୍ୟୁଙ୍କୁ ଯେମିତି ଚକ୍ରବ୍ୟୁହରେ ଫସାଇ ୬ ଜଣ ଲୋକ ମାରିଥିଲେ, ସେହିପରି ଭାରତକୁ ୬ ଜଣ ଲୋକ ଚକ୍ରବ୍ୟୁହରେ ଫସାଇଛନ୍ତି। ରାହୁଲ ଗାନ୍ଧି କହିଛନ୍ତି, ଭାରତ ବର୍ତ୍ତମାନ ପଦ୍ମଫୁଲ ଚିହ୍ନରେ ପ୍ରତିନିଧିତ୍ୱ ହୋଇଥିବା ଚକ୍ରବ୍ୟୁହ ଫାଶରେ ପଡ଼ିଛି, ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଛାତିରେ ମାରି ବୁଲୁଛନ୍ତି। ସେ ଆହୁରି କହିଛନ୍ତି, 'ହଜାର ହଜାର ବର୍ଷ ପୂର୍ବେ କୁରୁକ୍ଷେତ୍ରରେ ୬ ଜଣ ବ୍ୟକ୍ତି ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, କର୍ଣ୍ଣ, କ୍ରିତବର୍ମା, ଅଶ୍ୱତ୍ଥାମା ଏବଂ ସକୁନି ଅଭିମନ୍ୟୁଙ୍କୁ 'ଚକ୍ରବ୍ୟୁହ'ରେ ଫଶାଇ ହତ୍ୟା କରିଥିଲେ। ମୁଁ ଏ ଉପରେ ଅନୁସନ୍ଧାନ କରି ଜାଣିଲି ଯେ, ଚକ୍ରବ୍ୟୁହ ଠିକ୍ ପଦ୍ମ ଫୁଲର ଗଠନ ପରି।ଏକବିଂଶ ଶତାବ୍ଦୀରେ ନୂଆ ଚକ୍ରବ୍ୟୁହ ଗଠନ କରାଯାଇଛି, ତାହା ହେଉଛି ପଦ୍ମବ୍ୟୁହ।' ଏହି ପଦ୍ମବ୍ୟୁହରେ ସମଗ୍ର ଭାରତ-ଯୁବକ, କୃଷକ, ମହିଳା, କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟୀଙ୍କୁ ଫସା ଯାଇଛି। କୁରୁକ୍ଷେତ୍ରରେ ଅଭିମନ୍ୟୁଙ୍କୁ ୬ ଜଣ ଚକ୍ରବ୍ୟୁହରେ ଫସାଇ ମାରିଥିଲେ. ବର୍ତ୍ତମାନର ପଦ୍ମବ୍ୟୁହରେ ବି ୬ ଜଣ ଅଛନ୍ତି ବୋଲି ରାହୁଲ ଗାନ୍ଧି କହିଛନ୍ତି। ରାହୁଲ ଗାନ୍ଧି କହିଛନ୍ତି ଯେ, ପଦ୍ମବ୍ୟୁହର ୬ ଜଣ ହେଉଛନ୍ତି - ନରେନ୍ଦ୍ର ମୋଦି, (କେନ୍ଦ୍ର ଗୃହମନ୍ତ୍ରୀ) ଅମିତ ଶାହା, (ଆରଏସଏସ ମୁଖ୍ୟ) ମୋହନ ଭଗବତ, (ଜାତୀୟ ସୁରକ୍ଷା ପରାମର୍ଶଦାତା) ଅଜିତ ଡୋଭାଲ, (ଶିଳ୍ପପତି) ଅମ୍ବାନୀ ଏବଂ ଆଦାନୀ। ଏହାକୁ ନେଇ ବିରୋଧୀ ହଙ୍ଗାମା କରିବା ସହ ବାଚସ୍ପତି ଓମ୍ ବିର୍ଲା ମଧ ରାହୁଲ ଗାନ୍ଧିଙ୍କୁ ଅଟକାଇଥିଲେ। ବାଚସ୍ପତି କହିଥିଲେ ଯେ, ପ୍ରତିପକ୍ଷ ନେତା ହିଁ ଲିଖିତ ଆକାରରେ ଦାବି କରିଥିଲେ ଯେ ଗୃହରେ ଯେଉଁମାନେ ନାହାନ୍ତି ସେମାନଙ୍କ ନାମ ଉଠାଯିବ ନାହିଁ, ତେବେ କଣ ପାଇଁ ଅନ୍ୟମାନଙ୍କ ନାମ ନେଇ ଗୃହର ମର୍ଯ୍ୟାଦା ଭଙ୍ଗ କରୁଛନ୍ତି ବୋଲି ରାହୁଲ ଗାନ୍ଧିଙ୍କୁ ପ୍ରଶ୍ନ କରିଥେଲ। ଏହାପରେ ରାହୁଲ ଗାନ୍ଧି କହିଥିଲେ, 'ସାର୍ ଆପଣ ଯଦି ଚାହୁଁଛନ୍ତି

▶▶ପୃଷ୍ଠା ୭

# ନୀତୀଶ ସରକାରଙ୍କୁ ସୁପ୍ରିମ ଝଟ୍‌କା: ସଂରକ୍ଷଣ ନିର୍ଦ୍ଦେଶ ଉପରେ ଲାଗିବନି ରୋକ୍



ନୂଆଦିଲ୍ଲୀ, ୨୯/୭ : ନୀତୀଶ ସରକାରଙ୍କୁ ସୁପ୍ରିମ ଝଟ୍‌କା। ବିହାରରେ ପଛୁଆ ଶ୍ରେଣୀ ପାଇଁ ୬୫ ପ୍ରତିଶତ ସଂରକ୍ଷଣ କୋଟାକୁ ଖଣ୍ଡନ କରିଥିବା ପାଟନା ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ବିହାର ସରକାରଙ୍କ ଆଦିବାସୀ ତଥା ପଛୁଆ ବର୍ଗର ସଂରକ୍ଷଣକୁ ୫୦ ପ୍ରତିଶତରୁ ୬୫ ପ୍ରତିଶତକୁ ବୃଦ୍ଧି କରିବା ଆଇନ୍‌କୁ ହାଇକୋର୍ଟ ବାତିଲ କରି ଦେଇଥିଲେ। ତେବେ ହାଇକୋର୍ଟଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିହାର ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଆଜି ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ହାଇକୋର୍ଟ ଦେଇଥିବା ନିଷ୍ପତ୍ତି ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି। ତେବେ ଅଦାଲତ ବିହାର ସରକାରଙ୍କ ଅବେଦନର ଶୁଣାଣି କରିବାକୁ ରାଜି ଅଛନ୍ତି। ଆସନ୍ତା ସେପ୍ଟେମ୍ବର ମାସରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। କହିରଖୁ ଯେ, ଜାତିଗତ ଜନଗଣନା ପରେ ରାଜ୍ୟରେ ସଂରକ୍ଷଣ ସୀମା ବୃଦ୍ଧି କରାଯାଇଥିଲା। ବିହାର ସରକାର ପଛୁଆ ବର୍ଗ, ଅତ୍ୟଧିକ ପଛୁଆ ବର୍ଗ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣକୁ ୫୦%ରୁ ୬୫%କୁ ବୃଦ୍ଧି କରିଥିଲେ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ହାଇକୋର୍ଟ ବାତିଲ କରି ଦେଇଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ ମାରିବା ଅଭିଯୋଗରେ ଜଣେ ଗିରଫ: ଜଣେ ଫେରାର୍

ଧର୍ମଶାଳା, ୨୯/୦୭ (ନି.ପ୍ର): ଯାଜପୁର ଜିଲା କୁଆଖିଆ ଡିଭିଜନ ବ୍ରହ୍ମବରଦା ବିଦ୍ୟୁତ୍ କାର୍ଯ୍ୟାଳୟର ୩ ଜଣ କର୍ମଚାରୀଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି । ଏବଂ ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଥିବା ଜଣାପଡିଛି । ଖୁବ୍ ଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୋଲିସ କହିଛି । ଗିରଫ ଯୁବକ ଜଣକ ହେଲେ ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଅର୍ଥଙ୍ଗା ଗ୍ରାମର ବାବୁ ମଳିକଙ୍କ ପୁଅ ନଣ୍ଡା ବୋଲି ଜଣାପଡିଥିବା ବେଳେ ଏହି ଗ୍ରାମର ଅଲିଆ ମଳିକଙ୍କ ପୁଅ କାହ୍ନୁଆଁ ଫେରାର ହୋଇଯାଇଥିବା ଜଣାପଡିଛି । ଅଭିଯୋଗ ମୁତାବକ, ରସୁଲପୁର ବ୍ଲକ ଅର୍ଥଙ୍ଗା ଅଂଚଳରେ ୧୧ କେଭି ତାର ଛିଡିଥିବା ନେଇ ଖବର ଆସିଥିଲା । ଫଳରେ ବହୁ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା । ଘଟଣାସ୍ଥଳକୁ ବିଦ୍ୟୁତ୍ କର୍ମଚାରୀ ସିଦ୍ଧେଶ୍ୱର ପାଢୀ, ହୃଷିକେଶ ଜେନା ଓ ନାରାୟଣ ବେହେରା ପ୍ରମୁଖ ଯାଇଥିଲେ । ଅର୍ଥଙ୍ଗା ନିକଟରେ କେହି ସୁଇଜ ପକାଇ ଦେଇଥିଲେ । ଫଳରେ ବିଦ୍ୟୁତ ସରବରାହ ବନ୍ଦ ହୋଇ ଯାଇଥିବା ଜାଣିବାକୁ ପାଇଥିଲେ । ଏହି ସମୟରେ ସେମାନଙ୍କ ନିକଟକୁ ନଣ୍ଡା ଓ କାହ୍ନୁଆଁ ତିନି ଜଣ ବିଦ୍ୟୁତ୍ କର୍ମଚାରୀଙ୍କୁ କାମ ନ କରିବା ପାଇଁ କହିବା ସହ ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସେମାନଙ୍କୁ ମାଡ ମାରିଥିଲେ । ସେମାନେ ସେଠାରୁ ପଳାଇ ଆସି ବ୍ରହ୍ମବରଦା ଥାନାରେ ଏନେଇ ସିଦ୍ଧେଶ୍ୱର ଦୁହିଁଙ୍କ ନାମରେ ଏତଲା ଦେଇଥିଲେ । ଘଟଣାସ୍ଥଳରେ ପୋଲିସ ଥାନା ଅଧିକାରିଣୀ ଅଂଶୁମାଳା ଦାସ ସଦଳବଳେ ପଂହଚି ବିଦ୍ୟୁତ୍ କର୍ମଚାରୀଙ୍କ ଦ୍ୱାରା ବିଦ୍ୟୁତ୍ ସଂଯୋଗ କରାଯାଇଥିଲା । ଏବଂ ଘଟଣାସ୍ଥଳରୁ ନଣ୍ଡାକୁ ଥାନାକୁ ଆଣି ପଚରାଉଚୁରା କରିବା ପରେ କୋର୍ଟଚାଲାଣ କରିଥିବା ବେଳେ କାହ୍ନୁଆଁ ଫେରାର ହୋଇଯାଇଥିବା ଜଣାପଡିଛି । ତାକୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

# କେନ୍ଦ୍ରାପଡ଼ା ବ୍ଲକରେ ବ୍ୟାପକ ଦୁର୍ନୀତି ନେଇ ଦୁର୍ନୀତି ନିବାରଣ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୨୯/୦୭ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକରେ ବ୍ୟାପକ ଦୁର୍ନୀତି ଓ ଜାଲିଆତି ହୋଇଥିବା ନେଇ ରାଜ୍ୟ ଦୁର୍ନୀତି ନିବାରଣ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରାଯାଇଛି । ଏହି ଅଭିଯୋଗରେ ଦର୍ଶାଯାଇଛି ଯେ ୫-ଟି ଯୋଜନାରେ ବିଦ୍ୟାଳୟଗୁଡିକର ନବୀକରଣ ବେଳେ କିଣାଯାଇଥିବା କୋଟି କୋଟି ଟଙ୍କାର ଆସବାବପତ୍ରରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରୀ ଓଡିଶା ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ-୧୯୫୯କୁ ଉଲ୍ଲଙ୍ଘନ କରି ସ୍ୱାମୀଙ୍କୁ ବିଭିନ୍ନ ଆସବାବପତ୍ର କିଣିବା ପାଇଁ ଅଲିଖିତ ଠିକା ଦେଇ କୋଟି କୋଟି ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ବ୍ଲକର ବିଭିନ୍ନ ପଂଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ବିଡିଓ ବହୁ ପରିମାଣର ପିସି ନେଇଥିବା ଅଭିଯୋଗ ହୋଇଛି । ପଂଚାୟତ ଗୁଡିକରେ ଲାଗିଥିବା ଥଣ୍ଡା ପାନୀୟ ଜଳ ମେସିନ ଗୁଡିକୁ କିଣିବା ପାଇଁ ଟେଣ୍ଡର କରାନଯାଇ ବିଡିଓ ତାଙ୍କ ସ୍ୱାମୀଙ୍କୁ ଠିକା ଦେଇ ସେଗୁଡିକ କ୍ରୟ କରିଥିଲେ । ତେଣୁ ଏଥିରେ ମଧ ବହୁ ଲକ୍ଷ ଟଙ୍କାର ଅନିୟମିତତା ହୋଇଛି । ଏହାବ୍ୟତିତ ବିଡିଓ ଯେଉଁ ଚାରି ଚକିଆ ଗାଡିଟି ଚଢୁଛନ୍ତି ସେଥିପାଇଁ ଟେଣ୍ଡର ପ୍ରକ୍ରିୟାରେ ମଧ ଅନିୟମିତତା ହୋଇଛି । ବିଡିଓ କେନ୍ଦ୍ରାପଡ଼ାରେ ରହିବା ପରିବର୍ତେ ପ୍ରତିଦିନ କଟକ ଓ ଭୁବନେଶ୍ୱରରୁ ଯିବା ଆସିବା କରୁଛନ୍ତି । ଜିଲ୍ଲାପାଳ ଜିଲ୍ଲା ମୁଖ୍ୟାଳୟରେ ରହୁଥିବା ବେଳେ ବିଡିଓ କିଭଳି ବ୍ଲକ ମୁଖ୍ୟାଳୟରେ ରହୁନାହାଁନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକ ମୁଖ୍ୟାଳୟରୁ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ସରକାର ଗାଡି ବ୍ୟବସ୍ଥା କରିଛନ୍ତି । କିନ୍ତୁ ବିଡିଓ ପ୍ରତ୍ୟେହ କଟକ କିମ୍ବା ଭୁବନେଶ୍ୱର ପଳାଇ ଯାଉଛନ୍ତି । ଏ ନେଇ ଯେଉଁ ତେଲ ଖର୍ଚ୍ଚ ହେଉଛି ତାହା ବିଡିଓ କେଉଁଠୁ ଆଣୁଛନ୍ତି । ସରକାର ଦେଇଥିବା ଗାଡିଟି କେବଳ ସରକାରୀ କାର୍ଯ୍ୟ ପାଇଁ ବ୍ୟବହାର ହୋଇ ପାରିବ । କିନ୍ତୁ ବିଡିଓ ସେଥିରେ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଛି । କଂସାର ପଂଚାୟତର ପୂର୍ବତନ ସରପ ପ୍ରଦ୍ୟୁମ୍ନ କୁମାର ଜେନା ଏସମ୍ପର୍କରେ ଅଭିଯୋଗ କରିଛନ୍ତି । ସେ ତାଙ୍କ ଅଭିଯୋଗରେ ଆହୁରି ଦର୍ଶାଇଛନ୍ତି ଯେ ବିଡିଓ ଗୋଚର ଜମି ଓ ଶ୍ମଶାନ ଜମିରେ ହେଉଥିବା ବିଭିନ୍ନ ପ୍ରକଳ୍ପର ତଦନ୍ତ ନକରି ବିଲ୍ ପାସ କରାଇ ଦେଇ ନିଜ ପକେଟ ଗରମ କରୁଛନ୍ତି । ଦୁର୍ନୀତି ନିବାରଣ ମହାନିର୍ଦ୍ଦେଶକ ଏହାର ତଦନ୍ତ କଲେ ବହୁ ଅନିୟମିତତା ଲୋକଲୋଚନକୁ ଆସିପାରିବ ବୋଲି ଶ୍ରୀ ଜେନା ଅଭିଯୋଗରେ ଦର୍ଶାଇଛନ୍ତି । ଏ ସମ୍ପର୍କରେ କେନ୍ଦ୍ରାପଡା ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି ସେ କୌଣସି ଉତର ଦେବାକୁ ମନା କରିଦେଇଛନ୍ତି । ଜିଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶଙ୍କୁ ଏସମ୍ପର୍କରେ ପଚାରିବାରେ ସେ କହିଥିଲେ ଯେ ତାଙ୍କ ନିକଟରେ ଅଭିଯୋଗ ହୋଇଥିଲେ ସେ ତଦନ୍ତ କରିଥାନ୍ତେ କିମ୍ବା ଉଚ୍ଚ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥାନ୍ତେ । କିନ୍ତୁ ଅଭିଯୋଗ ଦୁର୍ନୀତି ନିବାରଣ ମହାନିର୍ଦ୍ଦେଶକଙ୍କୁ କରାଯାଇଥିବାରୁ ଦୁର୍ନୀତି ନିବାରଣ ବିଭାଗ ଏହାର ତଦନ୍ତ କରିବେ ବୋଲି ସେ କହିଛନ୍ତି ।

# ଗ୍ରାମକୁ ପାଇପ୍ ଆସିଛି, ହେଲେ ଷ୍ଟାଣ୍ଡପୋଷ୍ଟ ବସିନି : କେବେ ମିଳିବ ମେଗା ଜଳ ପ୍ରକଳ୍ପର ପାଣି ?

ବୌଦ୍ଧ, ୨୯/୦୭ (ନି.ପ୍ର): କେବେ ମିଳିବ ମେଗା ଜଳ ପ୍ରକଳ୍ପର ପାଣି । ଗ୍ରାମକୁ ପାଇପ୍ ଆସିଛି ହେଲେ ଷ୍ଟାଣ୍ଡ ପୋଷ୍ଟ ବସିନି । ଗ୍ରାମରେ ପାଇପ୍ ବିଛା ଯାଇଥିଲେ ବି ପାଣି ପହଂଚି ପାରୁନି । ଲୋକେ ଚାହିଁ ବସିଛନ୍ତି କେବେ ମିଳିବ ସ୍ୱଚ୍ଛ ପିଇବା ପାଣି । କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଗ୍ରାମକୁ ମେଗା ଜଳ ଯୋଗାଣ ପ୍ରକଳ୍ପ ପାଣି ଯୋଗାଇ ଦେଉଛନ୍ତି । ସେହି ମେଗା ଜଳ ଯୋଗାଣ ପ୍ରକଳ୍ପ ପାଣି କେଉଁ ଗ୍ରାମକୁ ପହଂଚିଛି ତ ଆଉ କେଉଁ ଗ୍ରାମକୁ ପାଇପ୍ ସଂଯୋଗ କରାଯାଇଛି । ଏହିଭଳି ଆଉ କେତେକ ଗ୍ରାମକୁ ପାଇପ୍ ଆସିଛି ସିନା ଷ୍ଟାଣ୍ଡପୋଷ୍ଟ ବସିନି । ଏହିଭଳି ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ତାଳସରଡ଼ା ଗ୍ରାମପଂଚାୟତ ଅନ୍ତର୍ଗତ ତାଳସରଡ଼ା ଗ୍ରାମରେ । ଏଠାରେ ଉଲ୍ଲେଖଯୋଗ୍ୟ, ଆଜକୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଏ ଗ୍ରାମକୁ ମେଗା ଜଳ ପ୍ରକଳ୍ପ ପାଣି ପାଇଁ ପାଇପ୍ ସଂଯୋଗ କରାଯାଇଛି । ହେଲେ ଏପର୍ଯ୍ୟନ୍ତ କୌଣସି ଷ୍ଟାଣ୍ଡପୋଷ୍ଟ କିମ୍ବା କୌଣସି ଘରକୁ ପାଇପ୍ ସଂଯୋଗ କରାଯାଇନଥିବା ଦେଖିବାକୁ ମିଳିଛି । ଏ ଯୋଜନା ମାଟି ଭିତରେ ହିଁ ରହିଯାଇଛି । ଜନସାଧାରଣ ଅଭିଯୋଗ କଲେ ମଧ ବ୍ଲକ ପ୍ରଶାସନ, ଏଲଏଣ୍ଡଟି କମ୍ପାନୀର ଅଧିକାରୀ, କେହି ଶୁଣୁନାହାନ୍ତି । ଲୋକଙ୍କ ଦାବିକୁ ସବୁ ବେଳେ ଅଣଦେଖା କରୁଛନ୍ତି । ତେଣୁ ତୁରନ୍ତ ଏ ଦିଗରେ ପ୍ରଶାସନ ନଜର ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଆନନ୍ଦପୁରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ୨୨୯ ଅଭିଯୋଗ

କେନ୍ଦୁଝର, ୨୯/୦୭ (ନି.ପ୍ର): ଆଜି ସୋମବାର କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ ଆନନ୍ଦପୁର ବ୍ଲକ ପରିସରେର ଜନସାଧାରଣଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ୨୨୯ଟି ଅଭିଯୋଗ ଆସିଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୩୦ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା ତଥା ଗ୍ରାମ୍ୟ ସମସ୍ୟା ମୂଳକ ହୋଇଥିବା ବେଳ ୧୯୯ଟି ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେକ୍ଷିତ ଥିଲା । ସେଥିମଧ୍ୟରୁ ୮୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହୟତା ନିମେନ୍ତ ୧୫ ଟି ଅବେଦନ ପତ୍ର ଆସିଥିଲା । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧର ଅତିରିକ୍ତ ଜିଲ୍ଲାପାଳ ଯମୁଣୀ ମହଲା, କେନ୍ଦୁଝର ଜିଲ୍ଲା ପରିଷଦ ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହ ଅଧିକାରୀ ରବିନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ ସାମନ୍ତରାୟ ଏବଂ ବିଭିନ୍ନ ଅଧିକାରୀମାନେଯୋଗ ଦେଇଥିଲେ । ଏଥିରେ ଦିବ୍ୟାଙ୍ଗମାନଙ୍କୁ ୫ ଗୋଟି ମୋଟର ଚାଳିତ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା ।

# ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲାସ୍ତରୀୟ ପ୍ରଧାନ ଆଚାର୍ଯ୍ୟ କର୍ମଶାଳା

କେନ୍ଦ୍ରାପଡ଼ା, ୨୯/୦୭ (ନି.ପ୍ର): ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡିଶା ଶାଖା ଆନୁକୂଲ୍ୟରେ କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଭାଗନତପୁର ଗ୍ରାମପଂଚାୟତର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂସ୍ଥାନର ମହାସଚିବ ଡ. କରୁଣାକର ପ୍ରଧାନ, ରାଜ୍ୟ ସଭାପତି ପ୍ରସନ୍ନ ମହାପାତ୍ର, ରାଜ୍ୟ ସଂଯୋଜକ ଗୌରାଙ୍ଗ ଚରଣ ନାୟକ, କେନ୍ଦ୍ରାପଡା ଜିଲ୍ଲା ପ୍ରଭାରୀ ସତ୍ୟବ୍ରତ ରଥ, ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ରାଜଗୋପାଳ ମହାନ୍ତିଙ୍କ ସମେତ କେନ୍ଦ୍ରାପଡା ଜିଲ୍ଲାର ୨୦ଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକ ବନ୍ଧୁମାନେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟମାନଙ୍କରେ ଶୈକ୍ଷିକ, ବୈଚାରିକ ତଥା ଆନଷଙ୍ଗିକ ବିକାଶ ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା । ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରସ୍ୱତୀ ଶିଶୁ ମନ୍ଦିରର ଜଣେ ଦକ୍ଷ ଗୁରୁଜୀ ଥିଲେ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭଦ୍ରକ ଜିଲ୍ଲାର ଏକ ଶିକ୍ଷା ବିକାଶ ସଂସ୍ଥାନ ସହବନ୍ଧିତ ଏକ ବିଦ୍ୟାଳୟର ଛାତ୍ର ଥିଲେ ବୋଲି ମହାସଚିବ ଡ. ପ୍ରଧାନ କହିଥିଲେ । ବିଦ୍ୟାଳୟଗୁଡିକୁ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଏବଂ ଆଦର୍ଶ କରି ଗଢିତୋଳିବା ପାଇଁ ରାଜ୍ୟ ସଭାପତି ଦିଗଦର୍ଶନ ଦେଇଥିଲେ ।

# ଏନ୍‌ସିସି କ୍ୟାଡେଟ ସତ୍ୟ ନାରାୟଣ ବାଗଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୨୯/୦୭ (ନି.ପ୍ର): ସୋନପୁର କଲେଜର ଏନସିସି କ୍ୟାଡେଟ ତଥା ସୋନପୁର ମାଟିର ସାହସୀ ପୁଅ ସତ୍ୟନାରାୟଣ ବାଗ ଏକ ଭାରତ ଶ୍ରେଷ୍ଠ ଭାରତ, ଶତ ପ୍ରତିଶତ ମତଦାନ ସାବ୍ୟସ୍ତ କରିବା, ସଡ଼କ ସୁରକ୍ଷା, ରକ୍ତ ଦାନ ଓ ସ୍ୱଚ୍ଛତା ସଚେତନତା ବାର୍ତା ନେଇ ସାଇକେଲରେ ସାରା ଭାରତ ଭ୍ରମଣ କରି ଆଜି ସୋନପୁର ରେ ପହଂଚିଲେ । ଅପ୍ରେଲ ୫ତାରିଖରୁ ଦୀର୍ଘ ୪ ମାସ ସାଇକଲରେ ଯାତ୍ରା ସାରି ଆଜି ଅପରାହ୍ନରେ ଶ୍ରୀ ବାଗ ସୋନପୁର ରେ ପହଂଚିଲା ପରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋନପୁର ମାଟିର ସନ୍ତାନ ଶ୍ରୀ ବାଗଙ୍କୁ ଜିଲ୍ଲାପ୍ରଶାସନ ତରଫରୁ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଫୁଲ ତୋଡା ଓ ଉପ ଢୌକନ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଦୁଃସାହାସିକ ସାଇକେଲ ଯାତ୍ରା ର ଅନୁଭୂତି ପଚାରି ବୁଝିଥିଲେ । ଏନ୍ ସି ସି ଲ୍ୟାଫ୍ଟନେଣ୍ଟ ଆଶିଷ ଅଗ୍ରୱାଲାଙ୍କ ଦ୍ୱାରା ଆୟୋଜିତ ଓ ସ୍ୱଚ୍ଛ ଭାରତ ସଂଗଠନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଜେନେରାଲ ଅଞ୍ଜଲିନା ପଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ଡେପୁଟି କଲେକ୍ଟର କେ ରିଚି କୁମାର, ସୂଚନା ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ର ଅଧିକାରୀ ଓ କର୍ମଚାରୀ, ଏନ୍ ସି ସି କ୍ୟାଡେଟ ଛାତ୍ର ଛାତ୍ରୀ, ସ୍ୱଚ୍ଛ ଭାରତ ସଙ୍ଗଠନ ଓ ଇନ ଫିନିଟି କ୍ଲବ୍ ର ସଦସ୍ୟ ଓ ସହରର ବିଭିନ୍ନ କ୍ରୀଡା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତା ପ୍ରମୁଖ ଉପସ୍ଥିତ ରହି ଶ୍ରୀମାନ ବାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଦୀର୍ଘ ୪ମାସ ସାଇକଲ ଯାତ୍ରା କରିଥିବା ଶ୍ରୀମାନ ବାଗ ବିଭିନ୍ନ ରାଜ୍ୟ ର କଳା ସଂସ୍କୃତି ସହ ଲୋକଙ୍କ ଚାଲି ଚଲଣ ଉପରେ ନିଜର ଅନୁଭୂତି କୁ ପ୍ରକାଶ କରି ଆମ ଦେଶର ବିବିଧତା ରେ ଏକତା କୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିବା ହେତୁ ଦେଶର ପ୍ରଶଂସା କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ ସହ ଅଶାଳୀନ ମନ୍ତବ୍ୟ ଦେଇଥିବା ଯୁବକ ବିରୁଦ୍ଧରେ ସାଇବର ଥାନାରେ ଯୁବମୋର୍ଚ୍ଚାର ଏତଲା

କେନ୍ଦୁଝର , ୨୯/୦୭ (ନି.ପ୍ର): ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ସାମାଜିକ ଗଣମାଧ୍ୟମରେ ହତ୍ୟାର ଧମକ ସହ ଅଶାଳୀନ ମନ୍ତବ୍ୟ ଇେଥିବା ଯୁବକ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପି ଯୁବମୋର୍ଚ୍ଚା ରବିବାର ିନ ସାଇବର ଥାନାରେ ଏତଲା ିଆଯାଇଛି । ଜଣେ ଆିବାସୀ ନେତା ଭାବେ ମୋହନ କେନ୍ଦୁଝରରୁ ଚାରି ଚାରି ଥର ବିଧାୟକ ହେବା ସହ ବିରୋଧୀଳର ମୁଖ୍ୟ ସଚେତକ ସହ ପିଏସି କମିଟିର ଅଧ୍ୟକ୍ଷ ଭଳି ଗୁରୁ ାୟିତ୍ୱ ତୁଲାଇ ବେଶ ପ୍ରଶଂସନୀୟ ହୋଇ ପାରିଥିବା ବେଳେ ଏବେ ମୁଖ୍ୟମନ୍ତ୍ରୀ ଭାବେ ସ୍ୱଳ୍ପ ସମୟ ଭିତରେ ତାଙ୍କର ଲୋକପ୍ରିୟତା ମଧ୍ୟ ବହୁତ ବଢିଯାଇଛି ।କିନ୍ତୁ ଏବେ କିଛି ଅସମାଜିକ ଗୋଷ୍ଠୀମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତୀକୁ କ୍ଷୁର୍ଣ୍ଣ କରିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଉ୍ୟମ କରୁଛନ୍ତି । ସେମାନେ କେତେବେଳେ ଜାତିକୁ ନେଇ ତ କେତେବେଳେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ କଟାକ୍ଷ କରୁଛନ୍ତି । ଏବଂ ଏବେ ସମସ୍ତ ସୀମା ଟପି ଯାଇ ଏବେ ହତ୍ୟା ସହ ଅଶାଳୀନ ମନ୍ତବ୍ୟ ଦେଉଥିବା ଅଭିଯୋଗ କରିଛି ଜିଲ୍ଲା ବିଜେପିଯୁବମୋର୍ଚ୍ଚା । କିନ୍ତୁ ମିଷ୍ଟର ବେବଫାଆଇ.ଡି ଧାରୀ ଜଣେ ଯୁବକ ଏକ ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଖାଲା ଧମକ ବୋ ଘଟଣାକୁ କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକ ଟିମ ଆଜି ରବିବାର ିନ କେନ୍ଦୁଝର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଙ୍କୁ ଭେଟିବା ସହ ସାଇବର ଥାନାରେ ଉକ୍ତ ଯୁବକ ନାମରେ ଲିଖିତ ଏତଲା ଇେଛନ୍ତି । କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚାପକ୍ଷରୁ ସଭାପତି ସବୀର ାଶ ଙ୍କ ନେତୃତ୍ୱରେ ଏକ ଟିମତୁରନ୍ତ ୋଷୀକୁ ଗିରଫ କରିବା ସହ ତାଙ୍କ ବିରୁଦ୍ଧରେ କଠୋର ଣ୍ଡ ବିଧାନ କରିବା ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁନିବେନ କରିଛି । ଏଥିରେ ଯୁବମୋର୍ଚ୍ଚା ରସଭାପତି ସବୀର ାଶ ଙ୍କ ସହ ପ୍ରେମ ପ୍ରକାଶ ମୁଣ୍ଡା , ଅଶ୍ୱନୀ ମହାନ୍ତ ,ରାଜା ଗୁପ୍ତା , ରୂପେଶ ରଣା , ବିଷ୍ଣୁ ଗୁପ୍ତ ପ୍ରସା. ବୁବୁ ସାହୁ ,ବୁବୁ ସାହୁ , ତପନ ପାତ୍ର , ବିଷ୍ଣୁ ତ୍ରିପାଠୀ , ଭାରତ ଭୂଷଣ କୁଅଁର , ଯୁଧିଷ୍ଠିର ମହନ୍ତ । ପରମୀତ ସିଂହ , ମନସୁର ଆଲାମ ପ୍ରମୁଖ ସାମିଲ ହୋଇଥିଲେ ।

# ବିକଶିତ ଦେଶ ଗଠନରେ ଇଂଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଇଂଜିନିୟରମାନେ ହେଉଛନ୍ତି ବର୍ତମାନ ଯୁଗର ବିଶ୍ୱକର୍ମା । ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି କୋଠାବାଡ଼ି, ରାସ୍ତା ଏବଂ ସେତୁ ନିର୍ମାଣ କ୍ଷେତ୍ରରେ ଆମ ଇଂଜିନିୟରମାନେ ଅନେକ କାର୍ଯ୍ୟ କରୁଛନ୍ତି । ଆମେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ଦେଖୁଥିବାବେଳେ ଇଂଜିନିୟର ମାନଙ୍କ ଦକ୍ଷତାକୁ ଉପଯୋଗ କରି ଆମେ ଏହାକୁ ପୂରାକରି ପାରିବା ବୋଲି ଆଇନ, ପୂର୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି । ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘର ମୁଖପତ୍ର ‘ଟେକ୍‌ନୋସ୍କ୍ରାଇବ୍’ର ପଚାଶ ବର୍ଷ ପୂର୍ତି ଅବସରରେ ଆଜି ସଂଘ ପକ୍ଷରୁ ମୁଖପତ୍ରର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମୁଖପତ୍ର ‘ଟେକ୍‌ନୋସ୍କ୍ରାଇବ୍ ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିବା ସହ ଡିପ୍ଲୋମା ଇଂଜିନିୟରମାନଙ୍କର ଓଡ଼ିଆ ଭାଷା ସାହିତ୍ୟ ପ୍ରତି ମମତା ଓ ଅନ୍ତରିକତା ଅନ୍ୟମାନଙ୍କ ପାଇଁ ପ୍ରେରଣାପ୍ରଦ ହେବ ବୋଲି ମତବ୍ୟକ୍ତ କରିଥିଲେ । ନିର୍ମାଣ ହେଉଥିବା ପ୍ରକଳ୍ପର ସ୍ଥାୟିତ୍ୱ ଏବଂ ଉପଯୋଗିତା ଆଜିର ଦିନରେ ମୁଖ୍ୟ ପ୍ରସଙ୍ଗ ପାଲଟିଛି । ତେଣୁ ଏହାକୁ ଧ୍ୟାନରେ ରଖି ଇଂଜିନିୟରମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ଖାଲିଥିବା ପଦବୀଗୁଡ଼ିକ ଶୀଘ୍ର ପୂରଣ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସଂପଦ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ବଡ଼ଚଣା ବିଧାୟକ ଅମର ନାୟକ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଇଂ ଶ୍ରୀକାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ନବନିର୍ବାଚିତ ମନ୍ତ୍ରୀ ଓ ବିଧାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପଦେଷ୍ଟା ଇଂ ସଚିତ୍ର ମୋହନ ରାଉଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସଂପାଦକ ଇଂ ଶ୍ରୀଧର ବାରିକ ବିବରଣୀ ପାଠ କରିଥିଲେ । ଉପସଭାପତି ଇଂ ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଯୋଗ୍ୟ ଯେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ ୧୯୪୪ ମସିହାରେ ପ୍ରତିଷ୍ଠିତ ହୋଇ ଚଳିତ ବର୍ଷ ଅଶୀବର୍ଷ ପୂରଣ କରିଥିବାବେଳେ ଏହାର ମୁଖପତ୍ର ୧୯୭୪ ମସିହାରୁ ପ୍ରକାଶ ପାଇଆସୁଛି ।

# ନିୟମିତ ପାଇଁ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା କନିଷ୍ଠ ଶିକ୍ଷକ ସଂଘ

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ରବିବାର ଭୁବନେଶ୍ୱରସ୍ଥିତ ଶ୍ରମିକ ଭବନଠାରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ଆହ୍ୱାନକ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଗ୍ୟ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ବର୍ତମାନ ସୁଦ୍ଧା ନିୟମିତ ହୋଇନାହାଁନ୍ତି ଏବଂ ରାଜ୍ୟ ସରକାର ଜାନୁଆରୀ ୨୦୨୩ ମସିହାରୁ ୨୦,୦୦୦ ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ଘୋଷଣା କରିଥିଲେ ସୁଦ୍ଧା ୫ ମାସ ବିତିଯାଇଥିଲେ ମଧ ବକେୟ ରାଶି ଏଯାବତ ବହୁତ ଜିଲ୍ଲାରେ ପାଇନାହାଁନ୍ତି । ଏହା ଉପରେ ସଂଘ ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିବା ବେଳେ ମନ୍ତ୍ରୀ ଖୁବ୍ ଶୀଘ୍ର ଏହି ପ୍ରକ୍ରିୟା ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ସମାଧାନ ନହେବାରୁ ବୈଠକରେ ସମସ୍ତ ଜିଲ୍ଲା ସଭାପତି, ସମ୍ପାଦକ ଚିନ୍ତା ପ୍ରକଟ କରିବା ସହିତ କନିଷ୍ଠ ଶିକ୍ଷକଙ୍କୁ ପିଛିଲା ଭାବେ ନିୟମିତ କରିବା, ବର୍ଦ୍ଧିତ ଦରମାର ବକେୟା ରାଶି ପାଇବାରୁ ବଞ୍ଚିତ ଥିବା ଜିଲ୍ଲାଗୁଡ଼ିକୁ ଶୀଘ୍ର ଦରମା ପ୍ରଦାନ କରିବା ଆଦି ଦୁଇଦଫା ଦାବି ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ରଖିଥିଲେ । ଦୁଇଦଫା ଦାବି ପୂରଣ ପାଇଁ ସଂଘର ମହାସଚିବ ଆଦିତ୍ୟ ନାରାୟଣ ସ୍ୱାଇଁ, ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଏଥି ସହିତ ଏହି ବୈଠକରେ ଉପସଭାପତି ସୋୟଂସୁ ସତ୍ୟପ୍ରଜ୍ଞ ସାହୁ, ସଂଯୋଜକ ରଶ୍ମିରଞ୍ଜନ ସାହୁ, କୋଷାଧକ୍ଷ ଗୁଲସନ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ ।

# ଡବଲ ଇଂଜିନ ସରକାରରେ ଓଡିଶାର ବିକାଶର ଗତି ଡବଲ ହେବ : ବୈଜୟନ୍ତ ପଣ୍ଡା

ଭୁବନେଶ୍ୱର, ୨୯/୦୭ (ନି.ପ୍ର): ଓଡିଶାରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି । ପୂର୍ବ ସରକାର ସମୟରେ ଅନେକ କେନ୍ଦ୍ରୀୟ ଯୋଜନାରୁ ଓଡ଼ିଶା ଲୋକଙ୍କୁ ରାଜନୈତିକହୀନ ଉଦ୍ଦେଶ୍ୟ ରଖି ବଂଚିତ କରାଯାଉଥିଲା । କେବଳ ସେତିକି ନୁହେଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଯୁଗାନ୍ତକାରୀ ଯୋଜନାର ହିତାଧିକାରୀ ଚୟନରେ ମଧ ପାତର ଅନ୍ତର କରାଯାଇ ଗରୀବ ଲୋକଙ୍କୁ ହଇରାଣ କରାଯାଉଥିଲା । ଏବେ ଓଡ଼ିଶାବାସୀ ମୋଦିଙ୍କର ବିକଶିତ ଓଡ଼ିଶା ଗଠନ ପାଇଁ ଆସୁଥିବା ସମସ୍ତ କେନ୍ଦ୍ରୀୟ ସହାୟତାର ଲାଭ ପାଇବେ । କଂଗ୍ରେସର ୧୦ ବର୍ଷ ଶାସନରେ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ଟିକସ୍‌ରେ ରାଜ୍ୟର ଅଂଶ ବାବଦରେ ମାତ୍ର ଲକ୍ଷେ ୧୪ହଜାର କୋଟି ଟଙ୍କା ପାଇଥିଲାବେଳେ ମୋଦି ସରକାରଙ୍କ ୧୦ବର୍ଷରେ ୪ଗୁଣ ବଢ଼ି ୪ଲକ୍ଷ ୫୭ହଜାର କୋଟି ଟଙ୍କାରେ ପହଂଚିଛି । ସେହିପରି ଯଦି ରେଳ ଅନୁଦାନ କଥା ଦେଖିବା ତାହାଲେ କଂଗ୍ରେସ ୧୦ବର୍ଷରେ କେବେ ବି ବାର୍ଷିକ ଅନୁଦାନ ହଜାରେ କୋଟି ଛୁଇଁନଥିଲା କିନ୍ତୁ ମୋଦି ସରକାରରେ ଚଳିତ ରେଳ ବଜେଟ୍‌ରେ ଓଡ଼ିଶାକୁ ୧୦ହଜାର ୫୦୦କୋଟି ଟଙ୍କାରୁ ଅଧିକ କେନ୍ଦ୍ରୀୟ ଅନୁଦାନ ମିଳିଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ କଂଗ୍ରେସ ସରକାରରେ ଓଡ଼ିଶା କିଭଳି ଅବହେଳିତ ହେଉଥିଲା ଓ ମୋଦି ସରକାରରେ ଓଡ଼ିଶା କିଭଳି ତାର ନ୍ୟାର୍ଯ୍ୟ ହକ୍ ପାଇଲା । ଚଳିତ ବଜେଟ୍‌ରେ ଓଡ଼ିଶାର ପର୍ଯ୍ୟଟନର ବିକାଶ ପାଇଁ ଯେଉଁ ପଦକ୍ଷେପ ନିଆଯାଇଛି ଆଗାମୀ ଦିନରେ ଏହା ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏକ ମାଇଲଷ୍ଟୋନ ଭୂମିକା ନେବ ବୋଲି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ପଣ୍ଡା କହିଛନ୍ତି ଯେ,ମୋଦି ସରକାରଙ୍କ ୧୦ବର୍ଷ ଭିତରେ ଦେଶରେ ୧୨.୫କୋଟି ନିଯୁକ୍ତି ସୃଷ୍ଟି ହୋଇଛି । କଂଗ୍ରେସର ୧୦ବର୍ଷ ଭିତରେ ମାତ୍ର ୨.୯କୋଟି ନିଯୁକ୍ତି ସୃଷ୍ଟି ହୋଇଥିଲା । ଚଳିତ ବଜେଟ୍‌ରେ ଆହୁରି ଅଧିକ ନିଯୁକ୍ତି ଓ କ୍ଷୁଦ୍ର, ମଧ୍ୟମ ଶିଳ୍ପର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦିଆଯାଇଛି । ମୋଦି ସରକାର ଭାରତର ବିକାଶ ପାଇଁ ବଜେଟ୍‌ରେ ସମସ୍ତ ଦିଗ ଉପରେ ଗୁରୁତ୍ୱ ଦେଇଛି । ମୋଦି ସରକାର ବଜେଟ୍‌ରେ ୪ଟି କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି । ଯଥା, ଗରିବ, ମହିଳା, ଯୁବକ ଓ କୃଷକ । କଂଗ୍ରେସ ସରକାର ସମୟରେ ୧୦ବର୍ଷ ତଳେ ଘର ନିର୍ମାଣ କ୍ଷେତ୍ରରେ ଦିଆଯାଇଥିଲା ମାତ୍ର ୧୦,୫୬୭ କୋଟି ଟଙ୍କା, କିନ୍ତୁ ୨୦୧୪-୨୫ରେ ତାହା ହୋଇଛି ୮୨ହଜାର ୫୭୬ କୋଟି ଟଙ୍କା । ସେହିଭଳି ଭିତିଭୂମି ନିର୍ମାଣରେ କଂଗ୍ରେସ ସରକାର ସମୟରେ ୨୦୧୩-୧୪ରେ ୨ଲକ୍ଷ ୫୭ହଜାର ୬୪୧ କୋଟି ଟଙ୍କା ଦିଆଯାଉଥିବା ବେଳେ ୨୦୨୪-୨୫ରେ ତାହା ହୋଇଛି ୧୧ଲକ୍ଷ ୧୧୧କୋଟି ଟଙ୍କା । ରୋଡ ଟ୍ରାନ୍ସପଟ୍ ଓ ରାଜପଥ ପାଇଁ ୨୦୧୩-୧୪ରେ ୨୫ ହଜାର ୮୫୯ କୋଟି ଦିଆଯାଇଥିବା ବେଳେ ୨୦୨୪-୨୫ରେ ଏହା ହୋଇଛି ୨ଲକ୍ଷ ୭୮ହଜାର କୋଟି । ଗ୍ରାମୀଣ କ୍ଷେତ୍ରର ବିକାଶ ପାଇଁ ୨୦୧୩-୧୪ରେ ୭୪ ହଜାର ୪୭୭ କୋଟି ଦିଆଯାଉଥିବା ବେଳେ ଏବଂ ୨୦୨୪-୨୫ରେ ୧ଲକ୍ଷ ୮୦ହଜାର ୨୩୩ କୋଟି ଦିଆଯାଇଛି । ଶିକ୍ଷାରେ ୨୦୧୩-୧୪ରେ ୭୯ ହଜାର ୪୫୧କୋଟି ଅନୁଦାନ ମିଳିଥିଲା ବେଳେ ୨୦୨୪-୨୫ରେ ୧ ଲକ୍ଷ ୨୦ହଜାର ୬୨୭କୋଟି ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷାନୁଷ୍ଠାନ ଖୋଲିବା ନାଁରେ ମହିଳାଙ୍କଠୁ ଲୁଟିନେଲେ ୧ ଲକ୍ଷ ୯୫ ହଜାର

କେନ୍ଦ୍ରାପଡ଼ା, ୨୯/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଧିନ ବେଡାରି ଗ୍ରାମରେ ଶିକ୍ଷାନୁଷ୍ଠାନ ଖୋଲି ଅଂଚଳର ପିଲାମାନଙ୍କୁ ଉନ୍ନତ ମାନର ଶିକ୍ଷାଦାନ କରି ସେମାନଙ୍କ ଭବିଷ୍ୟତ ଗଢିବେ ବୋଲି ପ୍ରତିଶ୍ରୁତି ଦେଇ ଭୁବନେଶ୍ୱର ର ସୁଦିକ୍ଷା ନାମକ ଏକ ସଂସ୍ଥାର କର୍ମକର୍ତାମାନେ ସେମାନଙ୍କ ଠାରୁ ୧ ଲକ୍ଷ ୯୫ ହଜାର ଲୁଟି ନେଇଥିବା ପାଟକୁରା ଥାନାରେ ଅଭିଯୋଗ ହୋଇଛି । ଥାନାରେ ଏତଲା ଦେଇଥିବା ପଦ୍ମିନୀ ସେଠୀଙ୍କ ଅଭିଯୋଗ ମୁତାବକ ସୁଦିକ୍ଷା ସଂସ୍ଥାର ଭୁବନେଶ୍ୱର ଡୁମୁଡୁମା ଅଂଚଳର ପ୍ରତାପ ସାହୁ ଓ କଳାବୁଦା ଗ୍ରାମର ସ୍ୱାଗତିକା ଗ୍ରହାଚାର୍ଯ୍ୟ ଏହି ଦୁଇ ଜଣ ଗ୍ରାମକୁ ଆସି ବିଏସଇ ଓ ସିବିଏସ୍‌ଇ ଢାଂଚାର ପାଠ ପଢାଇ ଗ୍ରାମର ପିଲାଙ୍କୁ ଯୋଗ୍ୟ କରିବେ ବୋଲି କୋଚିଂ ସେଣ୍ଟର ଖୋଲିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେଥିପାଇଁ ପ୍ରତି ପିଲାଙ୍କ ଠାରୁ ୫ ହଜାର ଟଙ୍କା ଫିସ୍ ସଂଗ୍ରହ ପାଇଁ ଗ୍ରାମର ମହିଳା ମାନଙ୍କୁ କହିଥିଲେ । ପିଲାମାନଙ୍କୁ ମଣିଷ କରିବା ଓ ମହିଳା ମାନେ ଚାକିରୀ କରିବା ଆଶାରେ ସେମାନଙ୍କ କଥାରେ ଭଳି ଯାଇ ୩୯ ଜଣ ପିଲାଙ୍କ ଠାରୁ ୧ ଲକ୍ଷ ୯୫ ହଜାର ସଂଗ୍ରହ କରି ସ୍ୱାଗତିକା ଗ୍ରହାଚାର୍ଯ୍ୟଙ୍କ ଫୋନ ପେ ଆକାଉଣ୍ଟ କୁ ପଠାଇଥିଲେ । ତେବେ ଏହି କୋଚିଂ ସେଣ୍ଟରରେ ଦୀର୍ଘଦିନ କାମ କରିଥିବା ମହିଳା ମାନେ ସେମାନଙ୍କର ପ୍ରାପ୍ୟ ନ ପାଇବାରୁ ପ୍ରତାପଙ୍କ ସହ ଯୋଗାଯୋଗ କରିଥିଲେ । ତେବେ ପ୍ରତାପ ତାଙ୍କ ଫୋନ ଉଠାଉ ନଥିବା ଓ ଯେବେ ଉଠାଇଲେ ମଧ ଗାଳି ଗୁଲଜ କରୁଥିବା ଓ ଟଙ୍କା ଫେରସ୍ତ ଦେଉ ନଥିବା କି ଦରମା ଦେଉ ନଥିବା ଅଭିଯୋଗ କରି ପଦ୍ମିନୀ ପାଟକୁରା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାପଡିଛି ।

# ବାୟୁ ପ୍ରଦୂଷଣ, ପରିବର୍ତ୍ତିତ ଜୀବନଶୈଳୀରୁ ଷ୍ଟ୍ରୋକ୍







ଭାରତରେ ପ୍ରତି ବର୍ଷ ଷ୍ଟ୍ରୋକ୍‌ଜନିତ ୧୬ଲକ୍ଷ ମାମଲା ସାମ୍ନାକୁ ଆସୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଅତି କମରେ ଏହି ମାମଲାର ଏକ ତୃତୀୟାଂଶ କେବଳ ବାୟୁ ପ୍ରଦୂଷଣ ଓ ପରିବର୍ତ୍ତିତ ଜୀବନଶୈଳୀ ହିଁ ଦାୟୀ। ଫର୍ଟିସ୍ ଏସ୍କର୍ଟସ୍ ହାର୍ଟ ଇନଷ୍ଟିଚ୍ୟୁଟ ଦ୍ୱାରା ଏହି ଅଧ୍ୟୟନ କରାଯାଇଛି। ଅବସାଦ, ପୁରୁଣା ଚିନ୍ତା ଓ ଚାକିରି ଚାପ ଭଳି ଜୀବନଶୈଳୀ ସମସ୍ୟା ମସ୍ତିଷ୍କ ଓ ହୃଦଘାତ ଆଶଙ୍କା ତୀବ୍ର କରିଥାଏ। ଯୁବପିଢ଼ିଙ୍କ ଠାରେ ମଧ୍ୟ ଏହି ସମସ୍ୟା ଦେଖାଯାଏ। ଷ୍ଟ୍ରୋକର ସମ୍ମୁଖୀନ ରୋଗୀଙ୍କ ଠାରେ ଅଳ୍ପ ସମୟର ସ୍ମୃତି ହାନି, ଚିନ୍ତନରେ ଅସୁବିଧା ଓ ଅବସାଦ ଆଦି ଦେଖାଯାଏ। ବାୟୁରେ ଥିବା ପ୍ରଦୂଷଣ ରକ୍ତକୁ ବହଳ କରିଦିଏ ଏବଂ ଧମନୀଗୁଡ଼ିକୁ ଶକ୍ତ କରିଦିଏ। ଏହି ପ୍ରକ୍ରିୟା ଥରେ ଆରମ୍ଭ ହୋଇଗଲେ ଧମନୀରେ ପ୍ଲାକ୍ ନିର୍ମିତ ହୁଏ, ଯାହା ଷ୍ଟ୍ରୋକ୍ ପାଇଁ ଦାୟୀ ବୋଲି ଇନ୍ଦ୍ରପ୍ରସ୍ଥ ଆପୋଲୋର ବରିଷ୍ଠ ନ୍ୟୁରୋଲୋଜିଷ୍ଟ୍ ପି.ଏନ୍.ରେନଜେନ୍ କହିଛନ୍ତି। ଏହା ରକ୍ତଚାପ, ମସ୍ତିଷ୍କରେ ଜମାଟ ଆଶଙ୍କା ମଧ୍ୟ ବଢ଼େଇଥାଏ ବୋଲି ସେ କହିଛନ୍ତି। ରେନଜେନଙ୍କ ଅନୁସାରେ, ଭାରତରେ ଚାକିରି ଚାପ, ଚିନ୍ତା, ଅବସାଦ ଓ ଅନ୍ୟ ଜୀବନଶୈଳୀ ସ୍ଥିତି ଅତିଶୟ ଖରାପ ହେତୁ ଷ୍ଟ୍ରୋକ ମାମଲା ଦ୍ରୁତତର ହେଉଛି। ଭାରତରେ ମୃତ୍ୟୁ ଓ ଅକ୍ଷମତାର ତୃତୀୟ ସବୁଠୁ ସାଧାରଣ କାରଣ ହେଉଛି ଷ୍ଟ୍ରୋକ୍। ଏହାର ଉଚିତ୍ ଚିକିତ୍ସା ନହେଲେ ମିନିଟକୁ ହାରାହାରି ରୋଗୀ ୧୯ଲକ୍ଷ ସ୍ନାୟୁ କୋଷିକା ହରାଇବେ। ଜନ୍ମ ନିୟନ୍ତ୍ରଣ ବଟିକା ସେବନ କରୁଥିବା ମହିଳାଙ୍କ ଠାରେ ଷ୍ଟ୍ରୋକ୍ ଆଶଙ୍କା ଅଧିକ ଥିବା ସଦ୍ୟ ଅଧ୍ୟୟନରୁ ମଧ୍ୟ ଜଣାପଡ଼ିଛି।

## ମହାକାଶଚାରୀଙ୍କ ପାଇଁ ସ୍ନାକ୍ସ



ମହାକାଶକୁ ଗବେଷଣା ପାଇଁ ଯାଉଥିବା ମହାକାଶଚାରୀଙ୍କ ପାଇଁ ବୈଜ୍ଞାନିକମାନେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଯେତେବେଳେ ମହାକାଶଚାରୀ ସେମାନଙ୍କ ମିଶନରେ ଯାଆନ୍ତି, ସେତେବେଳେ ନିଜକୁ ସୁସ୍ଥ ରଖିବା ପାଇଁ ସେମାନଙ୍କୁ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ରହିଥାଏ। ଓରିଏନ ମହାକାଶଯାନରେ ଖାଦ୍ୟ ଓ ଅନ୍ୟ ଜିନିଷପତ୍ର ରଖିବା ପାଇଁ ଖୁବ୍ କମ୍ ସ୍ଥାନ ରହିଛି। ଏହାକୁ ଦୃଷ୍ଟିରେ ରଖି ମହାକାଶଚାରୀଙ୍କ ପାଇଁ ଏପରି ଏକ ସ୍ନାକ୍ସ ବାର ପ୍ରସ୍ତୁତ କରାଯାଇଛି, ଯାହାକି ସେମାନଙ୍କୁ ଯଥେଷ୍ଟ ମାତ୍ରାରେ ପୋଷଣ ଓ କ୍ୟାଲୋରୀ ଯୋଗାଇବା ସହିତ ପାଟିକୁ ମଧ୍ୟ ସ୍ୱାଦିଷ୍ଟ ଲାଗିବ। ଏବେ ସୁଦ୍ଧା ଏପରି ସ୍ନାକ୍ସବାର ମାର୍କେଟରେ ମିଳୁନି। କିନ୍ତୁ ଏହାକୁ ବୈଜ୍ଞାନିକ ଗବେଷଣା କରି ପ୍ରସ୍ତୁତ କରୁଛନ୍ତି। ଏହି ଖାଦ୍ୟକୁ ନାସାର ହ୍ୟୁମାନ ରିସର୍ଚ୍ଚ ପ୍ରୋଗ୍ରାମ ସହିତ ମିଳିତ ଭାବେ ବିକଶିତ କରାଯାଇଛି। ଏଚଇଆରଏ ସଦସ୍ୟଙ୍କ ଉପରେ ଏହାର ପରୀକ୍ଷଣ ବି କରାଯାଇଛି। ଓରିଅନର ପ୍ରଥମ ମିଶନ ୨୦୨୧ରେ ଛଡ଼ାଯିବ।

## ଶନି ପ୍ରଦୋଷ ବ୍ରତ

ପ୍ରଦୋଷ ବ୍ରତ ପ୍ରତିମାସରେ ଦୁଇଥର ପଡ଼ିଥାଏ। ଗୋଟିଏ ଶୁକ୍ଳପକ୍ଷ ଓ ଅନ୍ୟଟି କୃଷ୍ଣପକ୍ଷ ତ୍ରୟୋଦଶ ତିଥିରେ।। ସୋମବାର ତ୍ରୟୋଦଶୀ ପଡ଼ିଲେ ଏହାକୁ ସୋମ ପ୍ରଦୋଷ ବ୍ରତ କୁହାଯାଏ ଓ ମଙ୍ଗଳବାର ପଡ଼ିଲେ ଭୌମ ପ୍ରଦୋଷ ବ୍ରତ କୁହାଯାଏ। ଏହାବ୍ୟତୀତ ଶନିବାର ପଡୁଥିବା ପ୍ରଦୋଷ ବ୍ରତର ବି ଖୁବ୍ ମହତ୍ୱ ରହିଥାଏ। ଶନିବାର ଦିନ ପ୍ରଦୋଷ ବ୍ରତ ପଡ଼ିଲେ ତାକୁ ଶନି ପାଇଁ ଶନି ପ୍ରଦୋଷ ବ୍ରତ ଉତ୍ତମ ହୋଇଥାଏ। ଶନି ପ୍ରଦୋଷ ବ୍ରତ କରୁଥିବା ଲୋକଙ୍କ ଉପରେ ଶନି ଦେବତାଙ୍କ ଅସୀମ କୃପା ରହିଥାଏ।



ଏହିବ୍ରତ କରୁଥିବା ବ୍ୟକ୍ତିଙ୍କୁ ପ୍ରାତଃ କାଳରେ ଭଗବାନ ଶିବଙ୍କର ପୂଜା କରିବାକୁ ପଡ଼ିଥାଏ ଓ ଏହାପରେ ଶନିଙ୍କର ପୂଜା କରିବା ପରେଏହି ବ୍ରତ ସମ୍ପନ୍ନ ହୋଇଥାଏ। ଶନି ପ୍ରଦୋଷ ବ୍ରତ ଦିନ ୧୧ଥର ଦଶରଥକୃତ ଶନି ସ୍ତୋତ୍ର ପଠନ କରାଯାଇଥାଏ। ଏହାଦ୍ୱାରା ଶନି ଦଶା କାରଣରୁ ଜୀବନରେ ଆସୁଥିବା ଅସୁବିଧା ଦୂର ହୋଇଥାଏ।

## କିଡ୍‌ନୀ କ୍ଷତି କମାଏ ଗ୍ରୀନ୍ ଟି



ସାଧାରଣ କଫି ଓ ଅନ୍ୟ ପ୍ରକାର ଚା' ଅପେକ୍ଷା ଗ୍ରୀନ୍‌ଟି ଅଧିକ ସ୍ୱାସ୍ଥ୍ୟ ହିତକର, ଏକଥା ସମସ୍ତେ ଜାଣନ୍ତି। ତେବେ ଏମ୍ସ ଗବେଷକଙ୍କ ଦ୍ୱାରା ହୋଇଥିବା ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି କିଡ଼ନୀ ହାନୀ ହ୍ରାସ କରିବା ସହ କର୍କଟ ନିରୋଧୀ ଔଷଧ ସିସ୍‌ପ୍ଲାଟିନ୍ ଦ୍ୱାରା ହେଉଥିବା ହାନିରୁ ରକ୍ଷା କରିବାରେ ଗ୍ରୀନଟି ପ୍ରଭାବଶାଳୀ। ସିସପ୍ଲାଟିନ ଦ୍ୱାରା କ୍ଷତିଗ୍ରସ୍ତ କିଡନୀ ପ୍ରତିରୋଧ କରିବାରେ ଇସିଜି (ଗ୍ରୀନ୍‌ଟିରେ ଥିବା ଏକ ପଲିଫେନୋଲିକ ଯୌଗିକ)ର ବ୍ୟବହାରିତାକୁ ଅଧ୍ୟୟନରେ ମୂଲ୍ୟାଙ୍କନ କରାଗଲା। ସିସପ୍ଲାଟିନ ନେଫ୍ରୋଟକ୍ସିଟି ଓ କିଡନୀକୁ ସବୁଦିନ ପାଇଁ ଅକାମି କରିପାରେ, ଯାହା ପ୍ରାଣଘାତକ ହୋଇପାରେ। ଏମ୍ସର ଫାର୍ମାକୋଲୋଜି ବିଭାଗର ପ୍ରଫେସର ଜାଗୃତି ଭାଟିଆଙ୍କ ନେତୃତ୍ୱରେ ଏହି ଅଧ୍ୟୟନ କରାଯାଇଥିଲା। ଲାବୋରୋଟୋରି ଇନଭେଷ୍ଟିଗେସିନ୍ସ ନାମକ ପତ୍ରିକାରେ ଅଧ୍ୟୟନ ପ୍ରକାଶ ପାଇଛି। ଅଧ୍ୟୟନ ଯଦି ଆଗକୁ ଜାରି ରହେ, ତେବେ ସିସପ୍ଲାଂଟିନର କୁପ୍ରଭାବରୁ ରକ୍ଷା କରିବା ପାଇଁ ନୂଆ ଔଷଧ ପ୍ରସ୍ତୁତିର ସମ୍ଭାବନା ରହିଥିବା ଭାଟିଆ କହିଛନ୍ତି। କର୍କଟ ପରେ କିଛିଦିନ ସିସପ୍ଲାଟିନ ସେବନ କରିଥିବା ହାରାହାରି ୩୦ ପ୍ରତିଶତ ରୋଗୀଙ୍କ ନେଫ୍ରୋଟକ୍ସିସଟି ସମସ୍ୟା ଦେଖାଯାଇପାରେ।

## କାଜୁର ଉପକାରିତା



ସାଧାରଣତଃ ବିଭିନ୍ନ ପର୍ବପର୍ବାଣିରେ ପ୍ରସ୍ତୁତ ହେଉଥିବା ମିଠାବ୍ୟଞ୍ଜନରେ ଭାରତୀୟମାନେ କାଜୁର ବ୍ୟବହାର କରିଥାନ୍ତି। ସୁଆଦିଆ କ୍ଷିରି, ମିଠା, ପଲଉ, କାନିକା ଓ ଅନ୍ୟାନ୍ୟ ମିଠା ଦ୍ରବ୍ୟରେ କାଜୁର ପରିମାଣରେ ଖାଇଥାନ୍ତି। ବିଭିନ୍ନ ପୋଷକ ତତ୍ତ୍ୱରେ ଭରପୁର ଏହି କାଜୁ ୧୬୦୦ ଶତାବ୍ଦୀରେ ପର୍ତ୍ତୁଗୀଜ ଲୋକଙ୍କ ଦ୍ୱାରା ଭାରତୀୟ ବଜାରରେ ପ୍ରବେଶ କରିଥିଲା। ପ୍ରଥମେ ରାଜ ପରିବାରରେ ବ୍ୟବହୃତ ବ୍ୟବହାର କରାଯାଏ। ବିଦେଶୀ ରାଷ୍ଟ୍ର ଯଥା ଆମେରିକା, ଇଂଲଣ୍ଡ, ଜାପାନ ଲୋକେ ସକାଳ ଜଳଖିଆରେ କାଜୁ ଅଳ୍ପ ହେଉଥିବା କାଜୁ ପରେ ସାଧାରଣ ଲୋକେ ମଧ୍ୟ ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରିଥିଲେ। ଖାଦ୍ୟ ବିଶେଷଜ୍ଞ ମତରେ ନିୟମିତ ଭାବେ କାଜୁ ସମସ୍ତ ବର୍ଗର ଲୋକେ ଖାଇବା ଅବଶ୍ୟକ। କାଜୁରେ ଥିବା ପ୍ରୋଆନ୍ଥେସିଆଡିନ୍ସ ଓ କପର ଶରୀରରେ କର୍କଟ ନିରୋଧକଶକ୍ତି ବଢ଼ାଇଥାଏ। କଲୋନ୍ କର୍କଟରୁ ରକ୍ଷା ପାଇବାକୁ ଚାହୁଁଥିଲେ କାଜୁ ପ୍ରତ୍ୟହ ଖାଇବା ଜରୁରୀ। କୋଲେଷ୍ଟୋରଲ ଏହି ଡ୍ରାଏଫ୍ରୁଟସରେ ନଥିବାରୁ ହୃଦରୋଗୀମାନେ କାଜୁ ନିୟମିତ ଖାଇପାରିବେ। କ୍ୟାଲସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ ଏଥିରେ ଭରପୁର ପରିମାଣରେ ଥିବା ଶରୀରର ହାଡ଼କୁ ମଧ୍ୟ କାଜୁ ଶକ୍ତ କରିଥାଏ। ଆଖିର ଜ୍ୟୋତି ବଢ଼ାଇବା ନିମନ୍ତେ କାଜୁ ଖାଇବା ଉପକାରୀ। ଏଥିରେ ଉତ୍ତମ ପରିମାଣର କପର ଥିବାରୁ ତାହା ରକ୍ତ ରୋଗ ହେବାକୁ ପ୍ରତିରୋଧ କରିଥାଏ। ନିଦ୍ରାହୀନ ରୋଗୀ ନିୟମିତ ତାକୁ ଖାଇଲେ ଭଲ ନିଦହୁଏ।

## ମେଥି ଦାନାର ବ୍ୟବହାର



ଭାରତୀୟ ବ୍ୟଞ୍ଜନରେ ମେଥିଦାନାର ବହୁଳ ବ୍ୟବହାର କରାଯାଇଥାଏ। ପ୍ରାଚୀନ କାଳରେ ବଇଦମାନେ ଏହାକୁ ଔଷଧ ଭାବେ ମଧ୍ୟ ଉପଯୋଗ କରୁଥିଲେ। କେଶ ଓ ତ୍ୱଚା ଉପରେ ମେଥିଦାନା ଉତ୍ତମ ପ୍ରଭାବ ପକାଉଥିବାର ପ୍ରକାଶ। ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବରେ ୧ ଚାମଚ ମେଥିଦାନା, ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ।

- ମେଥିଦାନାରେ ପୋଟାସିୟମ ଅଧିକ ପରିମାଣରେ ଥିବାରୁ ତାହା ଶରୀରରେ ସୋଡ଼ିୟମର ପରିମାଣକୁ ନିୟନ୍ତ୍ରଣ କରିଥାଏ। ଏହା ଦ୍ୱାରା ରକ୍ତସଞ୍ଚାଳନ ଉତ୍ତମ ହେବା ସହ ହୃଦଯନ୍ତ୍ର ଠିକ୍ ଭାବରେ କାର୍ଯ୍ୟ କରିଥାଏ।

ମଧୁମେହ ରୋଗୀ ନିୟମିତ ଭାବେ ମେଥିଦାନା ଖାଇବା ସେମାନଙ୍କ ପାଇଁ ଉପକାରୀ। ଏଥିରେ ମହଜୁଦ୍ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣାଧୀନ ରଖିଥାଏ।

-ମେଥିଦାନାରେ ଭରପୂର ମାତ୍ରାରେ ଫାଇବର ଓ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ।

ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧ମାସ ମଧ୍ୟରେ ସୁଫଳ ମିଳିଥାଏ।

- ମେଥିରେ ମହଜୁଦ ଥିବା ଫାଇବର ଶରୀରରୁ ଦୂଷିତ ପଦାର୍ଥ ବାହାର କରିଥାଏ। ଏହାଦ୍ୱାରା କଲୋନ୍ କର୍କଟର ଆଶଙ୍କା କମ୍ ହୋଇଥାଏ।

- ମେଥିଦାନାରେ ଥିବା ପୋଟାସିୟମ ରକ୍ତ ସଞ୍ଚାଳନ ଉତନ୍ତମ ହେବାରେ ସାହାଯ୍ୟ କରିଥାଏ।

## ବୟସ୍କଙ୍କ ଦ୍ୱୀପ



ଜାପାନ, ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ହୋଇଥିବାବେଳେ ଏଠାକାର ଲୋକଙ୍କ ସୁସ୍ଥ ଜୀବନଶୈଳୀ ସବୁ ସମୟରେ ଚର୍ଚ୍ଚାରେ ରହିଆସିଛି। ସର୍ବେକ୍ଷଣରୁ ଜଣାପଡ଼ିଛି, ସେମାନଙ୍କ ଖାଦ୍ୟପେୟ ତଥା ନିୟମିତ ଧ୍ୟାନ ହିଁ ଜାପାନ ଲୋକଙ୍କ ଦୀର୍ଘଜୀବନର ମୁଖ୍ୟ ସୂତ୍ରଅଟେ। ଏଠାକାର ଅନ୍ୟତମ ଦ୍ୱୀପ ଓକିନାୱା ଦ୍ୱୀପ ଜାପାନରେ ବୟସ୍କ ଦ୍ୱୀପ ଭାବରେ ଜଣାଯାଇଥାଏ। ନିକଟରେ ହୋଇଥିବା ଗଣନାରୁ ପ୍ରକାଶ ଯେ, ଏହି ଦ୍ୱୀପରେ ୪୫୦ରୁ ଅଧିକ ଲୋକଙ୍କ ବୟସ ୧୦୦ବର୍ଷରୁ ତଦୁର୍ଦ୍ଧ୍ୱ। ବିଶେଷଜ୍ଞଙ୍କ ମତରେ ଏହା ବିଶ୍ୱର ସବୁଠୁ ଅନୁକୂଳ ପରିବେଶ ସ୍ଥାନ। ୧,୨୦୬.୯୬ ବର୍ଗଫୁଟ ପରିସୀମାବ୍ୟାପ୍ତ ଓକିନାୱା ଦ୍ୱୀପରେ ଶତାୟୁ ଲୋକେ ମଧ୍ୟବୟସ୍କ ଲୋକଙ୍କ ପରି ଚଳପ୍ରଚଳ ହେବା ସହ ସମସ୍ତ କାମ ନିଜେ କରିଥାନ୍ତି। ଏଠାକାର ଶତାୟୁଙ୍କ ମତରେ ସେମାନେ ଖାଦ୍ୟପେୟକୁ ସବୁଠୁ ଅଧିକ ଅଗ୍ରାଧିକାର ଦେଇଥାନ୍ତି। ଅଧିକାଂଶ ଲୋକେ ସେଠାକାର ସ୍ଥାନୀୟ ବ୍ୟଞ୍ଜନ ଗୋୟୋ ଚମ୍ପୁରୁ ଖାଇଥାନ୍ତି। କଖାରୁ ଓ ଅମୃତଭଣ୍ଡା ମିଶ୍ରିତ ଏହି ବ୍ୟଞ୍ଜନକୁ ସେଠାକାର ପାରମ୍ପରିକ ମସଲା ବ୍ୟବହୃତ କରି ରନ୍ଧାଯାଏ। ଭାତ ମାସକୁ ଥରୁଟିଏ ଖାଉଥିବାବେଳେ ଅଟା ପ୍ରସ୍ତୁ ନୁଡୁଲ୍ସ ସୁପ ସହିତ ଗରମଗରମ ଖାଇଥାନ୍ତି। କୌଣସି ପ୍ରକାର ଜଟିଳ ରୋଗରେ ଆକ୍ରାନ୍ତ ନହେବା ସହ ଏଭଳି ଜୀବନଶୈଳୀରେ ସେମାନେ ବେଶ୍ ସହଜ ଅନୁଭବ କରୁଥିବାର ପ୍ରକାଶ କରିଛନ୍ତି। ଦୀର୍ଘାୟୁ ହେବାର କୌଣସି ମନ୍ତ୍ର ନାହିଁ, ବରଂ ଜଣେ ବ୍ୟକ୍ତି ନିଜ ସଚେତନତା ହିଁ ଶତାୟୁ ହୋଇପାରିବ ବୋଲି ସେଠା ଲୋକଙ୍କ ମତ। ଏହି ଦ୍ୱୀପର ପରିବେଶ ମଧ୍ୟ ବେଶ୍ ଉତ୍ତମ। ଗାଡ଼ି, ମଟର ଏହି ଅଂଚଳରେ କାଁ ଭାଁ ଦେଖାଯାଉଥିବାବେଳେ ଲୋକେ ସବୁଜିମା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

## ସ୍ୱାସ୍ଥ୍ୟପ୍ରଦ ରାତ୍ରି ଭୋଜନ

ରାତ୍ରି ଭୋଜନ ପ୍ରତ୍ୟହ ସମୟାନୁସାରେ କରିବା ସହ ହାଲକା କରିବା ଉଚିତ। ଏହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହେବା ସହ ଶରୀରକୁ ଶକ୍ତି ଯୋଗାଏ। ରାତିବେଳା ଅଧିକ ଛଣାଛଣି, ତେଲମସଲାଯୁକ୍ତ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।

- ବିଭିନ୍ନ ପ୍ରକାର ପରିବାକୁ ମିଶାଇ ଏକ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତୁ। ଏହିସବୁକୁ ସିଝାଇ ଖାଇବା ମଧ୍ୟ ଉପକାରୀ। ସବୁଜ ପନିପରିବା ରାତିରେ ଖାଇଲେ ତାହା ସହଜରେ ହଜମ ହେଉଥିବାର ପ୍ରକାଶ।

- ରାତିବେଳା ଭାତ ଖାଇବା ପରିବର୍ତ୍ତେ ରୁଟି ଖାଇବା ଉଚିତ।



ବିଶେଷଜ୍ଞଙ୍କ ମତରେ ନିୟମିତ ରୁଟି ଖାଉଥିବା ଲୋକଙ୍କୁ ନିଦ ଭଲ ଭାବରେ ହୋଇଥାଏ।

- ଅଦାରସକୁ ଯେକୌଣସି ବ୍ୟଞ୍ଜନରେ ଛୁଙ୍କ ଭାବେ ବ୍ୟବାହାର କଲେ କିମ୍ବା ପାନୀୟରେ ମିଶାଇ ପିଇଲେ ତାହା ଖାଦ୍ୟ ଶୀଘ୍ର ହଜମ ହେବାରେ ସହାୟକ ହୁଏ।

- ଏହା ସହ ରାତ୍ରିଭୋଜନରେ ଡାଲି ଖାଇଲେ ଶରୀରକୁ ପୂର୍ଣ୍ଣ ଭାବରେ ପ୍ରୋଟିନ୍ ମିଳିଥାଏ। ଡାଲି ପ୍ରତ୍ୟହ ରାତିବେଳା ଖାଉଥିବା ଲୋକଙ୍କର ରୋଗ ପ୍ରତିରୋଧକ ଶକ୍ତି ଉତ୍ତମ ବୋଲି ପରୀକ୍ଷାରୁ ଜଣାପଡ଼ିଛି।

-କ୍ଷୀର ପିଇବାକୁ ଚାହୁଁଥିଲେ ବଜାରରେ ଉପଲବ୍ଧ ହେଉଥିବା ଲୋ-ଫ୍ୟାଟ ମିଲ୍କ ରାତିରେ ପିଇବା ଉଚିତ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରତିକାର ହିଁ ସୁରକ୍ଷା...

ଯକୃତ ପ୍ରଦାହ ବା ହେପାଟାଇଟିସ୍ ଏକ ଭୂତାଣୁ ଜନିତ ରୋଗ। ପ୍ରାୟତଃ ଏହି ରୋଗ ୫ ପ୍ରକାର ଭୂତାଣୁ ଯୋଗୁଁ ହୋଇଥାଏ। ଏହି ଭୂତାଣୁମାନେ ହେଲେ ହେପାଟାଇଟିସ୍ ଏ, ହେପାଟାଇଟିସ୍ ବି, ହେପାଟାଇଟିସ୍ ସି, ହେପାଟାଇଟିସ୍ ଡି ଓ ହେପାଟାଇଟିସ୍ ଇ। ଏହି ଭୂତାଣୁମାନେ ଅତ୍ୟନ୍ତ ଭୟଙ୍କର। ବିଶେଷରୂପେ ହେପାଟାଇଟିସ୍ ବି ଓ ସି ଯକୃତକୁ ଦୀର୍ଘସମୟ ପାଇଁ ସଂକ୍ରମଣ କରିଥା'ନ୍ତି। ଯକୃତ ସିରୋସିସ୍ ଓ ଯକୃତ କର୍କଟ ରୋଗ ସୃଷ୍ଟିରେ ଏମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ତୁରନ୍ତ ଚିକିତ୍ସା ନ ହେଲେ ରୋଗୀର ମୃତ୍ୟୁ ସୁନିଶ୍ଚିତ। ତେଣୁ ଏହି ରୋଗର ଭୟାବହତା ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଇଥାଏ। ନୋବେଲ ପୁରସ୍କାର ବିଜୟୀ ବୈଜ୍ଞାନିକ ବାରୁଚ୍ ସାମୁଏଲ୍ ବ୍ଲୁମ୍‌ବର୍ଗଙ୍କ ଜନ୍ମଦିନକୁ ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ପାଳନ କରାଯାଏ। ସେ ହେପାଟାଇଟିସ୍ ବି ଭୂତାଣୁ ଆବିଷ୍କାର କରିବା ସହ ଏହାର ପ୍ରତିଷେଧକ ଟିକା ମଧ ଉଦ୍ଭାବନ କରିଥିଲେ। ସାଧାରଣତଃ, ସଂକ୍ରମିତ ଖାଦ୍ୟ ଓ ପାନୀୟ ଦ୍ୱାରା ହେପାଟାଇଟିସ୍ ଏ ଓ ହେପାଟାଇଟିସ୍ ସି ଭୂତାଣୁ ସଂକ୍ରମିତ ହୋଇଥାଏ। ଅପରପକ୍ଷରେ ସଂକ୍ରମିତ ରକ୍ତ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ହେପାଟାଇଟିସ୍ ବି ସଂକ୍ରମଣର ଆଶଙ୍କା ଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ସହ ଅସୁରକ୍ଷିତ ଯୌନସମ୍ପର୍କ ରଖିବା, ବ୍ୟବହୃତ ସିରିଞ୍ଜ ବ୍ୟବହାର କରିବା, ସଂକ୍ରମିତ ବ୍ୟକ୍ତିଙ୍କ ଶରୀରରେ ବ୍ୟବହୃତ ଛୁଞ୍ଚିରେ ଟାଟୁ କରାଇବା, କୌଣସି କାରଣରୁ ସଂକ୍ରମିତ ଛୁଞ୍ଚି ଫୋଡ଼ି ହୋଇଯିବା ଦ୍ୱାରା ମଧ ହେପାଟାଇଟିସ୍ ବି ସଂକ୍ରମଣ ହୋଇଥାଏ। ବିଶେଷତଃ ସ୍ୱାସ୍ଥ୍ୟକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କୁ ରୋଗୀମାନଙ୍କଠାରୁ ସଂକ୍ରମଣର ଅଧିକ ଆଶଙ୍କା ଥାଏ। ସଂକ୍ରମିତ ବ୍ୟକ୍ତିଙ୍କର କିଛି ବ୍ୟବହୃତ ପଦାର୍ଥ ଯଥା ଦାନ୍ତଘଷା ବ୍ରଶ, କ୍ଷୁର ଇତ୍ୟାଦିରୁ ମଧ ସୁସ୍ଥ ବ୍ୟକ୍ତିଙ୍କୁ ସଂକ୍ରମଣ ହେବାର ଆଶଙ୍କା ଥାଏ। ସେହିପରି ସଂକ୍ରମିତ ରକ୍ତ, ଅସୁରକ୍ଷିତ ଯୌନ ସମ୍ପର୍କ, ବ୍ୟବହୃତ ସଂକ୍ରମିତ ଛୁଞ୍ଚି ଦ୍ୱାରା ହେପାଟାଇଟିସ୍ ସି ଭୂତାଣୁ ସୁସ୍ଥ ବ୍ୟକ୍ତିର ଶରୀରକୁ ଯାଇଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ଲକ୍ଷଣଗୁଡ଼ିକ ହେଲା – ଆଖି ଓ ପରିସ୍ରା ହଳଦିଆ ଦେଖାଯିବା, କ୍ଲାନ୍ତ ଅନୁଭବ କରିବା, ଖାଇବାକୁ ଇଚ୍ଛା ନ ହେବା, ଦେହରେ ଅଳ୍ପ ଜ୍ୱର ରହିବା, ଗଣ୍ଠି ଓ ମାଂସପେଶୀରେ ଯନ୍ତ୍ରଣା ହେବା, ଓଜନ ହ୍ରାସ ହେବା, ମାନସିକ ଅବସାଦଗ୍ରସ୍ତ ହେବା ଆଦି। ଆରମ୍ଭରୁ ନିଦାନ କରାଯାଇ ଚିକିତ୍ସା କରାଗଲେ ରୋଗୀ ଆରୋଗ୍ୟ ହେବାର ସମ୍ଭାବନା ଅଧିକ ଥାଏ। ସାଧାରଣତଃ ହେପାଟାଇଟିସ୍ ଏ ରେ ଆକ୍ରାନ୍ତ ବ୍ୟକ୍ତି ଅଧିକ ଗୁରୁତର ହୁଅନ୍ତି ନାହିଁ। ସଂକ୍ରମିତ ବ୍ୟକ୍ତି ଅନେକ ସମୟରେ ସ୍ୱତଃ ଠିକ୍ ହୋଇଯାଇଥା'ନ୍ତି। କିଛି ସଂକ୍ରମିତ ବ୍ୟକ୍ତିଙ୍କଠାରେ ଅଧିକ ଗୁରୁତର ଲକ୍ଷଣ ପ୍ରକାଶ ପାଏ। ଏହି ବ୍ୟକ୍ତିଙ୍କୁ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରାଯାଇଥାଏ। ଏହିରୋଗର ପ୍ରତିଷେଧକ ଟିକା ଉପଲବ୍ଧ। ତେଣୁ ଶୈଶବ ସମୟରୁ ଏହି ଟିକାକରଣ କଲେ ହେପାଟାଇଟିସ୍ ସଂକ୍ରମଣର ଆଶଙ୍କା ହ୍ରାସ ପାଇଥାଏ। ହେପାଟାଇଟିସ୍ ବି ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ବିଭିନ୍ନ ପ୍ରକାରର ଔଷଧ ଉପଲବ୍ଧ। ଏହି ଔଷଧ ସବୁର ପ୍ରୟୋଗ ଦ୍ୱାରା ଜଳଦୋରୀ ରୋଗ ଓ ଯକୃତ କର୍କଟର ଆଶଙ୍କା ମଧ ବହୁ ପରିମାଣରେ କମିଯାଇଥାଏ। ହେପାଟାଇଟିସ୍ ବି ପାଇଁ ମଧ ପ୍ରତିଷେଧକ ବ୍ୟବସ୍ଥା ଅଛି। ସେହିପରି ହେପାଟାଇଟିସ୍ ସି, ହେପାଟାଇଟିସ୍ ଡି, ହେପାଟାଇଟିସ୍ ଇ ସଂକ୍ରମିତ ରୋଗୀଙ୍କୁ ବିଭିନ୍ନ ଲକ୍ଷଣ ଦେଖି ସେହି ଅନୁସାରେ ଚିକିତ୍ସା କରାଯିବା ସହିତ ବିଭିନ୍ନ ଔଷଧ ପ୍ରୟୋଗ କରାଯାଇଥାଏ। ଅବଶ୍ୟ ପ୍ରତିକାର ଓ ସଚେତନତା ଦ୍ୱାରା ଏହି ଭୂତାଣୁରୁ ଅନେକାଂଶରେ ସୁରକ୍ଷା ମିଳିପାରିବ। ମଳତ୍ୟାଗ ପରେ ସାବୁନ୍‌ରେ ଭଲ ଭାବରେ ହାତ ଧୋଇବା, ବାସି ଖାଦ୍ୟ ନ ଖାଇ ସଦ୍ୟ ରୋଷେଇ ହୋଇଥିବା ଖାଦ୍ୟ ଖାଇବା, ସିଝା ପାଣି ପିଇବା, କଞ୍ଚା ପରିବା ଭଲ ଭାବେ ଧୋଇ ଖାଇବା, ଇଞ୍ଜେକସନ୍ ନେବା ବେଳେ ନୂଆ ସିରିଞ୍ଜ ବ୍ୟବହାର କରିବା, ଟାଟୁ କଲା ବେଳେ ବିଶୋଧିତ ଛୁଞ୍ଚି ଓ ଉପକରଣ ବ୍ୟବହାର କରିବା, ସଂକ୍ରମିତ ରୋଗୀ ଅନ୍ୟକୁ ନିଜର ଦାନ୍ତଘଷା ବ୍ରସ୍, ନଖ କଟା ଯନ୍ତ୍ର, ରେଜର ବ୍ୟବହାର କରିବାକୁ ନ ଦେବା, ଦୂରସ୍ଥାନକୁ ଯାତ୍ରା କରିବା ବେଳେ ହେପାଟାଇଟିସ୍ ଟିକା ନେବା ଇତ୍ୟାଦି ଦ୍ୱାରା ଏହି ଆଶଙ୍କା ଅନେକାଂଶରେ ଟାଳି ଦିଆଯାଇପାରିବ।

# ସାମାଜିକ ନ୍ୟାୟ ଆନ୍ଦୋଳନ



### ଅଧ୍ୟାପକ ଗୋପବନ୍ଧୁ

> ସାମାଜିକ ନ୍ୟାୟର ପ୍ରତିଷ୍ଠା ପାଇଁ ସାମାଜିକ ଆନ୍ଦୋଳନର ଯେଉଁପରି ଆବଶ୍ୟକତା ରହିଛି, ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଅନୁକୂଳ ସରକାର ଗଠନର ମଧ୍ୟ ସେହିପରି ଆବଶ୍ୟକତା ରହିଛି। ସାମାଜିକ ନ୍ୟାୟ ଆନ୍ଦୋଳନର ସଫଳତା ଉପରେ ଏପରି ସରକାର ଗଠନର ସମ୍ଭାବନା ତିଆରି ହୁଏ। ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡିବ ଯେ ୧୯୯୦ର ମଣ୍ଡଳ ତରଙ୍ଗ ଦେଶର ରାଜନୈତିକ ବାତାବରଣକୁ ବଦଳାଇ ଦେଇଛି।

ସାମାଜିକ ନ୍ୟାୟ କହିଲେ ସାଧାରଣତଃ ସମାଜର ସମସ୍ତ ବର୍ଗର, ସମସ୍ତ ସମ୍ପ୍ରଦାୟର, ସମସ୍ତ ଜାତିର ତଥା ନାରୀମାନଙ୍କ ପୁରୁଷମାନଙ୍କ ସହିତ ସମାନ ସ୍ଥିତି, ସମାନ ଅଧିକାର ଓ ସମାନ ସାମାଜିକ ସମ୍ମାନକୁ ବୁଝାଏ। ସମାଜର ସମସ୍ତଙ୍କୁ ନ୍ୟାୟ ପ୍ରଦାନ ହିଁ ସାମାଜିକ ନ୍ୟାୟ। ଏହା କେବଳ ଏକ ରାଜନୈତିକ ସ୍ଲୋଗାନ ନୁହେଁ, ଏହା ଏକ ସାମାଜିକ ସଂସ୍କାର ଆନ୍ଦୋଳନ ମଧ୍ୟ। ବୈଷ୍ୟମତା ପୂର୍ଣ୍ଣ ସମାଜରେ ସମାନତା ଆଣିବାର ଏହା ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ। ସାମାଜିକ ନ୍ୟାୟ ସ୍ଥାପନ ଯେତେବେଳେ ରାଜନୈତିକ ଇସ୍ୟୁର ରୂପ ନିଏ ସେତେବେଳେ ଏହା ସାମାଜିକ ବିତର୍କରେ ପରିଣତ ହୁଏ। ବିତର୍କ ସାମାଜିକ ଅନ୍ୟାୟର ଶୀକାର ହୋଇଥିବା ଲୋକମାନଙ୍କ ଭିତରେ ସଚେତନତା ଆଣେ। ଲୋକମାନେ ସାମାଜିକ ଅନ୍ୟାୟ କଣ ବୁଝିପାରନ୍ତି। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟିଏ ଅଙ୍ଗୀକାରବଦ୍ଧ ସରକାର ନିୟମ ମାଧ୍ୟମରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିଥାଏ। ଏହା ସେତିକି ବେଳେ ସଫଳ ହୁଏ, ଯେତେବେଳେ ସାମାଜିକ ନ୍ୟାୟ ଆନ୍ଦୋଳନରୁ ଜାତ ଗୋଟିଏ ସରକାର କ୍ଷମତାକୁ ଆସେ। ସାମାଜିକ ନ୍ୟାୟ ଆନ୍ଦୋଳନ ତୀବ୍ରତର ହେଲେ ଏପରି ସରକାର ଗଠନର ସମ୍ଭାବନା ତିଆରି ହୁଏ। ସାମାଜିକ ନ୍ୟାୟ ରାଜନୈତିକ ସଦିଚ୍ଛା ବିନା ପ୍ରତିଷ୍ଠା ସମ୍ଭବପର ନୁହେଁ।

ଭାରତୀୟ ସମାଜ ବ୍ୟବସ୍ଥାର ସଂରଚନା ଅତ୍ୟନ୍ତ ଜଟିଳ। ସମାଜର ଗୋଟିଏ କ୍ଷୁଦ୍ର ଅଂଶ ହାଜର ହଜାର ବର୍ଷଧରି ବ୍ୟବସ୍ଥାଗତ ସୁବିଧା ପାଉଥିବା ବେଳେ ଆଉ ଗୋଟିଏ ବୃହତ ଅଂଶ ଏହି ସୁବିଧାରୁ ବଞ୍ଚିତହୋଇ ଆସିଛି। ଫଳରେ କେତେକ ଜାତି, ଗୋଷ୍ଠୀ ଓ ସମ୍ପ୍ରଦାୟ ବହୁ ଆଗକୁ ଆଗେଇ ଯାଇଥିବା ବେଳେ ଅନ୍ୟମାନେ ପଛରେ ପଡି ଯାଇଛନ୍ତି। ଆମ ସମ୍ବିଧାନର ପ୍ରଣେତାମାନେ ଏହାର ଅନୁଧ୍ୟାନ ପୂର୍ବକ ବିଭିନ୍ନ ଜାତି ଓ ଗୋଷ୍ଠୀର ବର୍ଗୀକରଣ କରିଛନ୍ତି। ଏହି ବର୍ଗୀକରଣ ମୁଖ୍ୟତଃ ବିକାଶର ତାରତମ୍ୟ ଓ ସାମାଜିକ ସ୍ଥିତିକୁ ନେଇ କରାଯାଇଛି। ସାମାଜିକ ନ୍ୟାୟ ସହିତ ଜଡିତ ପାଞ୍ଚଟି ଅନଗ୍ରସର ବର୍ଗ ରହିଛି। ଏଗୁଡିକ ହେଉଛି ଅନୁସୂଚିତ ଜାତି(ଏସସି), ଅନୁସୁଚିତ ଜନଜାତି(ଏସଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି), ମହିଳା ଓ ଭିନ୍ନକ୍ଷମ(ପିଡବ୍ଲ୍ୟୁଡି)। ଅନ୍ୟ ଏକ ବର୍ଗ ସମ୍ବିଧାନରେ ସୂଚୀତ ହୋଇଛି ତାହା ହେଉଛି ସାଧାରଣ ବର୍ଗ(ଜେନେରାଲ)। ସାଧାରଣ ବର୍ଗ ଅଗ୍ରସର ବର୍ଗଭାବେ ପରିଚିତ। ସାମାଜିକ ନ୍ୟାୟର ଲକ୍ଷ୍ୟ ହୁଏ ଅନଗ୍ରସର ବର୍ଗ ଗୁଡିକର ବିକାଶ ସାଧନ କରି ଅଗ୍ରସର ବର୍ଗ ସହିତ ସମକକ୍ଷ କରାଇବା। ଫଳରେ ଦେଶରେ ଏକ ସମତାଭିତ୍ତିକ ସମାଜ ଗଠିତ ହେବ। ସମାଜରୁ ବୈଷ୍ୟମ ଦୂରହେବ।

ସାମାଜିକ ବିଷମତା ସୃଷ୍ଟିହେବା ପଛରେ ଅନେକ କାରଣ ରହିଛି। ଏହି କାରଣଗୁଡ଼ିକ ମଧ୍ୟରୁ ସର୍ବାଗ୍ରେ ରହିଛି ଭ୍ରାନ୍ତ ସାମାଜିକ ଚିନ୍ତନ। ସମାଜରେ କିଛିଲୋକ ଭାବନ୍ତି ସେମାନେ ଉନ୍ନତ ଓ ଅନ୍ୟମାନେ ଅନୁନ୍ନତ। ଏମାନେ ଶାସକ ଓ ଅନ୍ୟମାନେ ଶାସିତ। ଶାସକ ଗୋଷ୍ଠୀ ସମୟକ୍ରମେ ସମସ୍ତ ସୁବିଧାସୁଯୋଗ ନେଇ ବିକଶିତ ହୋଇଯାଇଛନ୍ତି। ଏମାନଙ୍କ ସହିତ ଅନ୍ୟ ଯେଉଁମାନେ ଥିଲେ ସେମାନେ ମଧ୍ୟ ବିକଶିତ ହୋଇଛନ୍ତି। ଯେଉଁମାନେ ପିଢି ପରେ ପିଢି ବଞ୍ଚିତ ହୋଇଛନ୍ତି ସେମାନେ ପଛୁଆ ହୋଇ ରହିଯାଇଛନ୍ତି। ଗୋଟିଏ ପ୍ରକାର ସାମାଜିକ ଭାବନା ତିଆରି ହୋଇଛି ଯେ ଶୂଦ୍ରମାନେ (ଉଭୟ ଛୁଆଁ ଶୂଦ୍ର ଓ ଅଛୁଆଁ ଶୂଦ୍ର), ଆଦିବାସୀମାନେ ଓ ମହିଳାମାନେ ଶାରୀରିକ ଓ ମାନସିକଭାବେ ଅନ୍ୟମାନଙ୍କ ସହିତ ସମକକ୍ଷ ନୁହଁନ୍ତି। ତେଣୁ ଏମାନଙ୍କୁ ହଜାର ହଜାର ବର୍ଷଧରି ମୁଖ୍ୟସ୍ରୋତରୁ ଦୁରେଇ ରଖା ଯାଇଥିଲା। ଏପରି ସାମାଜିକ ଚିନ୍ତନକୁ ମଜଭୁତ କରିବାରେ ଧର୍ମ, ସଂସ୍କୃତି ଓ ପରମ୍ପରାର ହାତ କିଛି କମ୍ ନୁହେଁ। ତେଣୁ ଯେତେବେଳେ ସମାନତାର କଥା ଉଠେ ସେତେବେଳେ ଏହି ତଥାକଥିତ ଧାର୍ମିକ ଓ ପରମ୍ପରାବାଦୀ ଉତକ୍ଷୀପ୍ତ ହୋଇପଡନ୍ତି। ସେମାନେ ଭାବନ୍ତି ଏହା ତାଙ୍କ ଧର୍ମ ଓ ପରମ୍ପରାର ବିରୋଧୀ। ସାମାଜିକ ନ୍ୟାୟ ଆନ୍ଦୋଳନ ଜଟିଳ ଅବସ୍ଥାରେ ପହଁଚେ ଯେତେବେଳେ ଅସମାନତାକୁ ଧାର୍ମିକ ଓ ପାରମ୍ପରିକ ଚିନ୍ତନର ସମର୍ଥନ ମିଳେ।

ସମ୍ବିଧାନର ପ୍ରଣେତାମାନେ ଭଲଭାବେ ଉପଲବ୍ଧି କରିଥିଲେ ସମସ୍ତ ବର୍ଗର ଆର୍ଥିକ ବିକାଶ ସହିତ ଶାସନ ପ୍ରକ୍ରିୟାରେ ସମାନୁପାତିକ ଭାଗୀଦାରୀ ସାମାଜିକ ବୈଷମ୍ୟତାକୁ ଦୂରକରି ପାରିବ। ତେଣୁ ବିଭିନ୍ନ ଅନଗ୍ରସର ବର୍ଗର ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଏପରିକି ଶାସନରେ ଭାଗୀଦାରୀକୁ ମଧ୍ୟ ସ୍ଥଳ ବିଶେଷରେ ନିଶ୍ଚିତ କରିଯାଇଛନ୍ତି। ସମ୍ବିଧାନର ପ୍ରଣେତାମାନେ ସର୍ବନିମ୍ନ ସୁରକ୍ଷିତ ସୁବିଧା ସୁଯୋଗର ବ୍ୟବସ୍ଥା କରିଯାଇଛନ୍ତି ସମାନତା ହାସଲ ପାଇଁ। ଏହାରି ଆଧାରରେ ସମ୍ପୂର୍ଣ୍ଣ ସମାନତା ହାସଲ ପାଇଁ ପ୍ରେରଣା ମଧ ଦେଇଯାଇଛନ୍ତି। ତେଣୁ ସମ୍ପୂର୍ଣ୍ଣ ସାମାଜିକ ନ୍ୟାୟ ପ୍ରାପ୍ତିପାଇଁ କେବଳ ସରକାର ଉପରେ ନିର୍ଭର କରିବା ଅସମୀଚିନ। ଏଥିପାଇଁ ସାମାଜିକ ନ୍ୟାୟ ଆନ୍ଦୋଳନର ନିର୍ମାଣ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଦିଗରେ ପ୍ରାଥମିକତା ହେଉଛି ସାମାଜିକ ଅନ୍ୟାୟର ଶୀକାର ହେଉଥିବା ଜାତିସମୂହ ଓ ଗୋଷ୍ଠୀସମୂହକୁ ଉପଲବ୍ଧି କରାଇବା ଯେ ସେମାନେ ଶୋଷିତ ଓ ବଞ୍ଚିତ। ଏହି ଉପଲବ୍ଧି ତାଙ୍କୁ ସଙ୍ଗଠିତ ହେବାରେ ସହାୟକ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ଅନଗ୍ରସର ଗୋଷ୍ଠୀ ମଧରେ ଯୋଗସୂତ୍ର ସ୍ଥାପନ କରି ଗୋଟିଏ ବୃହତ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଆନ୍ଦୋଳନ ତିଆରି କରିବା ଜରୁରୀ।

ଭାରତବର୍ଷରେ ସାମାଜିକ ନ୍ୟାୟ ଆନ୍ଦୋଳନର ଇତିହାସ ବହୁ ପୁରାତନ। ଏହା ଉତଥାନ ପତନ ମଧ୍ୟଦେଇ ଚାଲିଆସିଛି। ସ୍ୱାଧୀନତା ପୂର୍ବର ସାମାଜିକ ଆନ୍ଦୋଳନର ପ୍ରଖରତା ସ୍ୱାଧୀନତା ପରେ ମନ୍ଥର ହୋଇ ଯାଇଥିଲା। କାରଣ ସାମାଜିକ କର୍ମୀମାନେ ଭାବିଥିଲେ ଯେ ସମ୍ବିଧାନରେ ସାମାଜିକ ନ୍ୟାୟପାଇଁ ଲିପିବଦ୍ଧ ନିୟମ ଏହା ହାସଲ କରିବାରେ ସହାୟକ ହେବ। କିନ୍ତୁ ପରେ ଉପଲବ୍ଧି ହେଲା ଯେ ସମ୍ବିଧାନରେ ସାମାଜିକ ନ୍ୟାୟର ଗ୍ୟାରେଣ୍ଟି ଯଥେଷ୍ଟ ନୁହେଁ। ଏଥିପାଇଁ ଲୋଡ଼ା ସାମାଜିକ ଆନ୍ଦୋଳନ, ଯାହା ସଚେତନତା ତିଆରି କରିବ। ଏହା ନହେଲେ ସମ୍ବିଧାନର ଲିପିବଦ୍ଧ ଗ୍ୟାରେଣ୍ଟିକୁ ସଙ୍କୁଚିତ କରିବାର ପ୍ରୟାସ ହେବ। ଏହାକୁ ଅକାମୀ କରିବାର ଉଦ୍ୟମ ହେବ। କେବଳ ସାମାଜିକ ଆନ୍ଦୋଳନ ଜରିଆରେ ଏହାକୁ ରୋକାଯାଇ ପାରିବ। ୧୯୯୦ ମସିହାରେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ପୁଣି ସାମାଜିକ ନ୍ୟାୟ ଆନ୍ଦୋଳନକୁ ଉଦଜିବୀତ କରିଛି। ସମାନ ଅଧିକାରରୁ ସମସ୍ତ ବଞ୍ଚିତ ବର୍ଗ ଉପଲବ୍ଧି କଲେଣି ସେମାନେ ଅନ୍ୟାୟର ଶୀକାର ହୋଇଛନ୍ତି। ଏଥିପାଇଁ ଦୋଷୀ ଏମାନେ ନିଜେ। ନିଜ ଭିତରେ ଲୁଚି ରହିଥିବା ନିମ୍ନ ହେବାର ମାନସିକତା ଏଥିପାଇଁ ଦାୟୀ। ଏମାନେ ସଙ୍ଗଠିତ ହୋଇ ସମାନତା ପାଇଁ ନିଜର ଅନୁକୂଳ ଶାସନ ଓ ପ୍ରଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ବିଫଳ ହୋଇଛନ୍ତି। ଫଳରେ ସ୍ୱାଧୀନତାର ଦୀର୍ଘବର୍ଷ ପରେବି ସମସ୍ତ କ୍ଷେତ୍ରରେ ସାମାଜିକ ଅସନ୍ତୁଳନ ବଳବତ୍ତର ରହିଛି।

ସାମାଜିକ ନ୍ୟାୟର ପ୍ରତିଷ୍ଠା ପାଇଁ ସାମାଜିକ ଆନ୍ଦୋଳନର ଯେଉଁପରି ଆବଶ୍ୟକତା ରହିଛି, ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଅନୁକୂଳ ସରକାର ଗଠନର ମଧ୍ୟ ସେହିପରି ଆବଶ୍ୟକତା ରହିଛି। ସାମାଜିକ ନ୍ୟାୟ ଆନ୍ଦୋଳନର ସଫଳତା ଉପରେ ଏପରି ସରକାର ଗଠନର ସମ୍ଭାବନା ତିଆରି ହୁଏ। ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡିବ ଯେ ୧୯୯୦ର ମଣ୍ଡଳ ତରଙ୍ଗ ଦେଶର ରାଜନୈତିକ ବାତାବରଣକୁ ବଦଳାଇ ଦେଇଛି। ସେ ସମୟରେ ଯେଉଁମାନେ ସାମାଜିକ ନ୍ୟାୟ ଆନ୍ଦୋଳନର ମଙ୍ଗ ଧରିଥିଲେ ସେମାନେ ପରେ ତୁଙ୍ଗ ରାଜନୈତିକ ବ୍ୟକ୍ତିତ୍ୱରେ ପରିଣତ ହେଲେ। କ୍ଷମତାରୁ ବଞ୍ଚିତ ଗୋଷ୍ଠୀମାନେ କ୍ଷମତାର ସ୍ୱାଦ ଚାଖିଲେ। ସାମାଜିକ ସ୍ତରରେ କିଛି ମାତ୍ରାରେ ନିଜର ଅଧିକାର ଓ ସମ୍ମାନକୁ ସ୍ଥାପିତ କରିବାକୁ ସଫଳ ହେଲେ। ସେ ତରଙ୍ଗର ପ୍ରସାରଣ ଏବେବି ଅବ୍ୟାହତ ରହିଛି। ଅବୁଝା ଲୋକମାନେ ସାମାଜିକ ନ୍ୟାୟର ଗତି ଓ ଲକ୍ଷ୍ୟ ବିଷୟରେ ବୁଝିବା ଆରମ୍ଭ କଲେଣି। ଯେଉଁଦିନ ସାମାଜିକ ଅନ୍ୟାୟର ଶୀକାର ଗୋଷ୍ଠୀଗୁଡିକ ସଚେତନ ହୋଇ ନିଜ ମଧ୍ୟରେ ଯୋଗସୂତ୍ରର କଡି ତିଆରି କରିନେବେ ସେହିଦିନ ପ୍ରତ୍ୟେକ ବ୍ୟବସ୍ଥା କ୍ଷେତ୍ରରେ ଭୂଚଳନ ଦେଖାଦେବ। ସାମାଜିକ ନ୍ୟାୟର ବ୍ୟବସ୍ଥାଗତ ଢାଞ୍ଚା ତିଆରି ହୋଇଯିବ ଏକ ସମତାଭିତ୍ତିକ ସମାଜ ଗଠନ ପାଇଁ।

ସାମାଜିକ ନ୍ୟାୟ ଆନ୍ଦୋଳନ ସମଗ୍ର ଭାରତବର୍ଷରେ ଉଣାଅଧିକେ ଚାଲିଛି। କିଛି ସଫଳତା ମଧ ମିଳିଛି। ଯେଉଁ ରାଜ୍ୟରେ ସାମାଜିକ ନ୍ୟାୟ ଆନ୍ଦୋଳନକୁ ନେତୃତ୍ୱ ଦେବାକୁ ଉପଯୁକ୍ତ ବ୍ୟକ୍ତି ବା ବ୍ୟକ୍ତିସମୂହ ମିଳିଛି ସେଠାରେ ଏ ଆନ୍ଦୋଳନର ସ୍ପଷ୍ଟ ଉପସ୍ଥିତି ଉପଲବ୍ଧ ହେଉଛି। ଆମ ରାଜ୍ୟ ଓଡ଼ିଶାରେ ସାମାଜିକ ସଚେତନତା ରହିଛି, କିନ୍ତୁ ଏହା ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଆନ୍ଦୋଳନର ରୂପ ନେଇନାହିଁ। ତେଣୁ ସ୍ୱଳ୍ପ ଅନୁଭୂତ ହେଉଛି। ଓଡିଶାରେ ବୈଷ୍ୟମର ଶୀକାର ହୋଇଥିବା ବିଭିନ୍ନ ଗୋଷ୍ଠୀର ସାମୁହିକ ଜନସଂଖ୍ୟା ସର୍ବାଧିକ। ତଥାପି ରାଜ୍ୟରେ ସାମାଜିକ ନ୍ୟାୟ ଆନ୍ଦୋଳନ ଦାନା ବାନ୍ଧି ପାରିନାହିଁ। ଅନେକଙ୍କ ଧାରଣା ସାମାଜିକ ନ୍ୟାୟ ଆନ୍ଦୋଳନ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ଏହା ସମାଜରେ ସ୍ଥିତାବସ୍ଥାକୁ ବିଗାଡି ଦେବ। ଏହା ନାକାରାତ୍ମକ ବିଚାର। ଭାରତୀୟ ସମାଜକୁ ସଜାଡ଼ିବା ପାଇଁ ଓ ପ୍ରଗତିର ମାର୍ଗରେ ପରିଚାଳିତ କରିବା ପାଇଁ ଏହା ଜରୁରୀ। ସାମାଜିକ ସମାନତା ସମସ୍ତଙ୍କ ଜନ୍ମଗତ ଅଧିକାର। ଏହା ମାନବିକତାର ପ୍ରଶ୍ନ ମଧ। ଓଡ଼ିଶାରେ ଏହି ଆନ୍ଦୋଳନର ଆବଶ୍ୟକତା ରହିଛି। ବିଡ଼ମ୍ବନା ହେଉଛି ଏହି ଆନ୍ଦୋଳନକୁ ନେତୃତ୍ୱ ଦେବାପାଇଁ ସେପରି ନେତୃତ୍ୱ ଓଡ଼ିଶାରେ ତିଆରି ହୋଇନାହିଁ କିମ୍ବା କେହି ନେତୃତ୍ୱ ନେବାକୁ ଆଗେଇ ଆସିନାହାଁନ୍ତି। ତେଣୁ ସାମାଜିକ ନ୍ୟାୟ ଆନ୍ଦୋଳନର ସଫତା ପାଇଁ ଆମ ରାଜ୍ୟରେ ନେତୃତ୍ୱ ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇ ପଡିଛି ବୋଲି ହୃଦବୋଧ ହେଉଛି।

+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ସରକାରୀ ଅଧିକାରୀ ଓ ସ୍ୱତନ୍ତ୍ର ଜେଲ ପ୍ରସଙ୍ଗ



### ସୁବ୍ରତ କର

ଯେଉଁ ପରିମାଣରେ ସରକାରୀ ଅଫିସରମାଙ୍କ ଘର ଭିଜିଲେନ୍ସ ବିଭାଗ ଚଢ଼ାଉ କରୁଛନ୍ତି । ଧରାପଡୁଛନ୍ତି ଏବଂ ଶେଷରେ ଜେଲ ଯାଉଛନ୍ତି । ମୋର ମନେ ହେଉଛି ଏମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଜେଲ ତିଆରି କରିଥିଲେ ଭଲ ହୁଅନ୍ତା । ପ୍ରତିଦିନ ଖବର ଖବର ଖୋଲିଦେଲେ ଦେଖାଯାଉଛି ଦୁଇଚାରି ଜଣ (ସରପଞ୍ଚଙ୍କ ସହିତ) ସରକାରୀ ଅଫିସରଙ୍କ ଅଫିସ, ଘର ଉପରେ ଚଢ଼ାଉ ଚାଲିଛି । ଜଣ ଜଣଙ୍କ ପାଖରୁ ଏତେ ଆୟ ବର୍ହିଭୂତ ସମ୍ପତ୍ତି ବାହାରୁଛି ଏହାର ଠିକ୍ ଭାବରେ ହିସାବ ରଖିବା ଭିଜିଲାନ୍ସ ବିଭାଗର ଅଫିସରଙ୍କଠାରେ ମଧ କଷ୍ଟ ହେଉଛି । ଏପରିକି ଚଢ଼ାଉ ଦୁଇତିନି ଦିନରେ ମଧ ଶେଷ ହେଉନାହିଁ । ଏବେ ଏବେ ଜଣେ ନୂଆ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଘର ଚଢ଼ାଉ ଜାରି ରହିଛି ଏବଂ ତିନିଦିନ ପରେ ମଧ ଶେଷ ହୋଇନାହିଁ । ଯେତେ ଖୋଳ୍‌ତାଡ଼୍ କରା ହେଉଛି ସେତେ ବାହାରିବାରେ ଲାଗିଛି । ଶେଷରେ ରାଜ୍ୟ ବାହାରେ ମଧ ଘର ରହିଥିବାର ପ୍ରମାଣ ମିଳିଛି । ତାଙ୍କର ସମ୍ପତ୍ତିର ମୂଲ୍ୟ ମୂଳ ଆୟଠାରୁ ୨୫୭ % ଅଧିକ । (ଏହାଠାରୁ ଆହୁରି ବଢ଼ିପାରେ ମଧ) । ଏବେ ଯାହା ବାହାରିଛି ତା ଉପରେ ଥରେ ନଜର ରଖିଲେ ଜାଣିବା ମଥୁରାରେ ଫ୍ଲାଟ, ଢେଙ୍କାନାଳରେ ଫାର୍ମ ହାଉସ୍, ଭୁବନେଶ୍ୱର ପୁରୀ ଏବଂ ଢେଙ୍କାନାଳରେ ପ୍ରାୟ ୩୪ଟା ପ୍ଲଟ ଠାବ କରାଯାଇଛି । ଭୁବନେଶ୍ୱର, ପୁରୀଠାରେ ୪ଟି କୋଠା, ଢେଙ୍କାନାଳଠାରେ ବିରାଟ ଏକ ଫାର୍ମ ହାଉସ ଯେଉଁଥିରେ ଗାଈ, ମାଛ ଏବଂ ବତ୍ତକ ଚାଷର ବ୍ୟବସ୍ଥା ରହିଛି ଏବଂ ସେଠାରେ ମଧ ଦୁଇ ମହଲା ବିଶିଷ୍ଟ ଏକ ଘର ରହିଛି ଆୟାସ କରିବା ପାଇଁ । ଏହାଛଡ଼ା ୨.୮୪ କୋଟି ଟଙ୍କାର ବ୍ୟାଙ୍କ ଜମା ଏବଂ ବୀମା ଜମା, ଲକରରୁ ୧ କେଜି ସୁନା ଅଧା କେଜି ରୂପା ଅଳଙ୍କାର ଠାବ କରାହୋଇଛି । ଘରେ ନଗଦ ୨.୩୪ ଲକ୍ଷ ଟଙ୍କା ସହିତ ୫ଲକ୍ଷ ଟଙ୍କାର ଆସବାବ ପତ୍ର, ୨ଟି ଟ୍ରକ, ୨ଟି ଦାମି କାର, ୪ଟି ମଟର ସାଇକେଲ୍ ମଧ ଭିଜିଲେନ୍ସ ବିଭାଗର ନଜରକୁ ଆସିଛି । ଏବେ କୁବେର ଯନ୍ତ୍ରୀ ଜେଲ ହାଜତରେ । ତାଙ୍କର ଚାକିରୀ କାଳ ଆହୁରି ୫ବର୍ଷ ଥିଲା । ଏବେ ଅନୁମାନ କରିହେବ ଯଦି ସୁରୁଖୁରୁରେ ଆଉ ପାଞ୍ଚବର୍ଷ ଚାକିରି କରିଥାଆନ୍ତେ ତେବେ ଆଉ କେତେ ସମ୍ପତ୍ତିର ମାଲିକ ହୋଇ ପାରିଥାଆନ୍ତେ ।

ଏବେ ହିସାବ କରିବା ଏହି ଭଦ୍ର ବ୍ୟକ୍ତି ଜଣକର କଣ କଣ କ୍ଷତି ହେଲା ? ପ୍ରଥମତଃ ଅତିରିକ୍ତ ଭାବରେ ବଦ୍‌ନାମ ହେଲେ ଏବଂ ଭବିଷ୍ୟତରେ ବନ୍ଧୁ, ପରିଜନଙ୍କୁ ମୁହଁ ଦେଖାଇବା କଷ୍ଟ ହେବ । ଚାକିରିଟି ହରେଇବେ, ଶେଷ ଜୀବନରେ ପେନ୍‌ସନ୍ ମଧ ମିଳିବ ନାହିଁ । ଯାହା ଯାହା ବାହାରିଛି ସବୁ ଭିଜିଲାନ୍ସ ବିଭାଗ ଠାରେ ରହିବ ଏବଂ କେବେ ହେଲେ ଫେରି ପାଇବେ ନାହିଁ । ଏଇଠି ମୋର ଗୋଟାଏ ପ୍ରଶ୍ନ ସମସ୍ତ ସରକାରୀ ଅଫିସରଙ୍କୁ ଯେ ସମସ୍ତେ ଜାଣିଛନ୍ତି ଯଦି ସରକାରୀ ଟଙ୍କା ପକେଟରେ ପୁରେଇବେ ତେବେ ଜେଲ ହେଉଛି ଶେଷ ଜୀବନ । ମୋର ଅନୁରୋଧ ବିଶେଷ କରି ଘର ଲୋକଙ୍କୁ ନିଜର ରୋଜଗାରିଆ ସ୍ୱାମୀଙ୍କୁ ଟିକିଏ ଜଗନ୍ତୁ ଏବଂ ଟିକିଏ କଷ୍ଟରେ ଚଳନ୍ତୁ ।




## ବର୍ଷା

### ରବି କୁମାର ମହାନ୍ତି

ଫୁଟା ପକେଟ୍ ରୁ
ଖୁଚୁରା ପଇସା ସନ୍ତର୍ପଣରେ
ଖସି ପଡ଼ିଲା ପରି
ଆକାଶ ର ଦଦରା ପିଢାରୁ
ନିଗିଡ଼ି ପଡୁଛି ବର୍ଷା
ମାଟିରୁ ତତଲାପଣ ,
ଶୁଖିଲା ଚିବୁକରୁ
ଅସହଜ ଦୁଃଖ ,ଫୁଲ ଙ୍କ ଓଠରୁ
ନୀରିହ ଧାରେ ହସ
ଧୋଇ ନେବାକୁ ବର୍ଷାର ପ୍ରୟାସ
ଏଣେ ଲହଡ଼ି ଭାଙ୍ଗୁଛି କବି ଆଖିରେ
କବିତା ସହ ଫେଣ୍ଟି ହେଇ
ବନବାସ ଯିବାର
ଅସହଣୀ ଶୋଷ
ବର୍ଷା ଚିର କାଳ
ନିତି ଜୀଇଁ ମରୁଥିବା
ଇଶ୍ୱରଙ୍କ ଆଞ୍ଜୁଳାଏ
ନିସର୍ତ୍ତ ନିଃଶ୍ୱାସ ଯାଉ
ଝରୁଛିତ ଝରୁଥାଉ ବର୍ଷା
କାହା ପାପୁଲିରେ ଅଙ୍କା ଫୁଲର
ଲାଜରେ
ଏ ଆଖିରୁ ସବୁ ଲୁହ
ଗଡ଼ି ଯିବା ଯାଏଁ
ଝରୁଛିତ ଝରୁଥାଉ ବର୍ଷା
କ୍ରମଶଃ ଅସ୍ପଷ୍ଟ ଦିଶୁଥିବା
ତା ଗାଁ ଠିକଣା
ମୋ ଛାତିରେ କବିତା ହୋଇ
ଲେଖି ହେବା ଯାଏଁ

+ମୋ : ୭୦୬୪୭୭୮୨୪୭

## ପ୍ରିୟତମ

### ନୂତନ କୁମାର ବେହେରା

ତୁମ ପ୍ରେମର ପବିତ୍ର ପୀୟୂଷ ଦାନ କରି
ମଧୁର ବନ୍ଧନେ ବାନ୍ଧିଛ ମୋ ଜୀବନ ତରୀ
ପ୍ରିୟରୁ ହୋଇଛ ତୁମେ ମୋର ପ୍ରିୟତମ
ସୁଖ ଶାନ୍ତି ତୃପ୍ତି ଦିଅ ମୋତେ ଅନୁପମ

ଅଦୃଶ୍ୟ ଭାବନାରେ ଥିଲା ଯା' ଭାବାନ୍ତର
ମୋର ସେ ଆଶା ସ୍ୱପ୍ନକୁ କଲ ତୁମେ ସାକାର
ସ୍ୱାମୀ ରୂପେ ପାଇ ତୁମକୁ ହୋଇଛି ଧନ୍ୟା
ତୁମ ପାଇଁ ମୁଁ ହୋଇଛି ସ୍ୱୟଂ ସଂପୂର୍ଣ୍ଣା

ଥିଲା ଯେତେ ମୋ ମନ ଗହନରେ କଳ୍ପନା
ସତ କଲ ତୁମେ ପୂର୍ଣ୍ଣହେଲା ମନସ୍କାମନା
ତୁମେ ମୋ ଆଖିର ଅଞ୍ଜନ କର ମନୋଞ୍ଜନ
କଲେ ମାନ ଅଭିମାନ କର ମାନ ଭଞ୍ଜନ

ମୋ ଜୀବନ ରଥର ତୁମେ ଗୋ ସାରଥି
ତୁମ ପାଇଁ ପାଳେ ବାର ବ୍ରତର ପୁଣ୍ୟ ତିଥି
ତୁମେ ଶାନ୍ତ ନମ୍ର ଭଦ୍ର ସରଳ ଉଦାର
ମନ ତୁମର ସ୍ୱଚ୍ଛ ସୁନ୍ଦର ନିର୍ମଳ ନିର୍ବିକାର

ତୁମେ ଯଶସ୍ୱୀ ସାଧୁ ସଚ୍ଚୋଟ ସୁପୁରୁଷ
ମୋ ହୃଦୟରୁ ଘୁଞ୍ଚାଇ ଦିଅ ଦୁଃଖ କ୍ଲେଶ
ତୁମ ସାନିଧ୍ୟରେ ତୁମକୁ କରିଛି ମୋ ଆରାଧ୍ୟ
ନାରୀ ଧର୍ମ ନିଭାଇବା ହୁଏ ସହଜ ସାଧ୍ୟ

ହୃଦୟ ମନ୍ଦିରରେ ରଖି ତୁମକୁ କରେ ପୂଜା
ତୁମ ଲାଗି ମାତୃତ୍ୱର ଉଡ଼େ ସୁନାମ ଧ୍ୱଜା
ମୋତେ ରାଣୀ କରି ହୋଇଛ ତୁମେ ରାଜା
ସୁଗମ ରହୁ ଚଲାପଥ ନ ହେଉଁ ଦିଗହଜା

ଘର ସଂସାର ସଜାଡ଼ିବାକୁ ଦିଅ ସୁଯୋଗ
ସୁଖ ଆସୁ ଝରୁ ଲହୁ ପାଏ ମୁଁ ତୁମ ଅନୁରାଗ
ମୋ ଅଧରରେ ଭରି ଦିଅ ତୁମେ ମଧୁର ହସ
ହୃଦୟଭରା ଭଲ ପାଇବାର ପାଏ ସୁବାସ

ମୋ ଇଚ୍ଛାକୁ ଦେଇ ସମ୍ମାନ କର ପୂରଣ
ମାର୍ଜିତ ରୁଚିପୂର୍ଣ୍ଣ ତୁମ ଆଚରଣ ଉଚ୍ଚାରଣ
କେଉଁ ଜନ୍ମର ପ୍ରାରବ୍ଧରେ ହୋଇଛି ତୁମ ସ୍ତ୍ରୀ
ତୁମ ପାଇଁ ସୌଭାଗ୍ୟବତୀ ବଢ଼େ ମୋ ଶିରୀ

ଶୁଭ ମନାସି କରେ ମହାପ୍ରଭୁଙ୍କୁ ମୁଁ ପ୍ରାର୍ଥନା
ଅଇସୁଲକ୍ଷଣୀ ହେବାକୁ କରେ ପୂଜା ଅର୍ଚ୍ଚନା
ହେ ମୋର ପ୍ରିୟତମ ତୁମେ ରୁହ ସଦା ଉତ୍ତମ
ମନ ପ୍ରାଣ ହୃଦୟେ ପାଳୁଥାଅ ନ୍ୟାୟ ଧରମ

ରୁହ ସଦା ସୁସ୍ଥ ସବଳ ନିରୋଗ ନିରାମୟ
ଆମ ସୁନାର ଘର ସଂସାର ହେଉ ମଧୁମୟ
ପ୍ରତି ଜନ୍ମରେ ତୁମେ ହେବ ମୋ ସ୍ୱାମୀଦେବ
ତୁମକୁ ପାଇଲେ ପାଇବି ସବୁ ପାର୍ଥିବ ବିଭବ

ତୁମ ପାଇଁ ଉତ୍ସର୍ଗୀକୃତ ମୁଁ ଜନମ ଜନମ
ମୁଁ ତୁମର ପ୍ରିୟତମା ତୁମେ ମୋ ପ୍ରିୟତମ।

+ କୋହି,ବାରିପଦା,ମୟୂରଭଞ୍ଜ।
(ମୋ)- ୮୦୧୮୩୫୩୩୨୨

## ସାରିଆ ମା’
### ଶରତ କୁମାର ଦାସ



ସାରିଆ ମା’ କୋଉ ମନଗଢା
କାହାଣୀର ନାୟିକା ନୁହେଁ
ଅବା କୋଉ ଅପନ୍ତରା ବେଳାଭୂଇଁରେ
ଅଖୋଜା କି ଅଲୋଡା
କାହା ଅଚିହ୍ନା ପାଦଚିହ୍ନଟିଏ ନୁହେଁ ।

ସାରିଆ ମା’ ଆଖିକୋଣର ଦି’ଧାର ଲୁହ
ବର୍ଷିଯାଉଥିବା ମେଘର ଛମଛମ ସୁର
ଚିମୁଟାଏ ବିଶ୍ୱାସର ଝଲମଲ ଗାର
ଧୈର୍ଯ୍ୟର ସେ ଅମ୍ଳାନ ଅଲିଭା ସ୍ୱାକ୍ଷର ।

ଦୁଃଖରେ ସେ ହାରିବା ଶିଖିନି
ସୁଖର ସିଲଟରେ କେବେ ଖୁସିର ଖଡି
ମଡେଇବା ତା’ କପାଳରେ ନାହିଁ
ତା’ ମୁଣ୍ଡ ଉପରେ ଲଟକିପଡିଛି ଯାହା
କୋଉ ଧୂ’ ଧୂ’ ଖରାବେଳର
ଏକ ବେରଙ୍ଗ ବିଦୀର୍ଣ୍ଣ ଆକାଶ ।

ନିଜକୁ ଚିହ୍ନିଛି ସେ ଭଲଭାବେ
ନିଜକୁ ଚିହ୍ନିଛିବୋଲିତ
ନିରୋଳାରେ କଥାହୁଏ ନିଜସହ ଏକାଏକା
ଦୁଃଖକୁ ଭୋଗେ ମନଇଛା

ଗଡିଯାଉଥିବା ସମୟକୁ ମାଗେ ସେ ଆୟୁଷ
ବୟସକୁ ମାଗେ ଅସରନ୍ତି ବଳ ।

ସେ ଆଉ ଆଗପରି ଏକା ନୁହେଁ
ଗିରସ୍ତ ସିନା ଆକାଳରେ ଚାଲିଗଲା
ଏବେ ସାଙ୍ଗରେ ତା’ର ଦି’ ଦିଟା
ଭେଣ୍ଡିଆ ପୁଅ
ପବନକୁ ଧରିରଖିବାର
ପାହାଡକୁ ଘୁଞ୍ଚାଇଦେବାର ଅମାପ ଯୁ’ ଅଛି
ମାଉଁସ ନଥିବା ତା’ ହାଡୁଆ ଦିହରେ ।

ଆଉ ଲିଭିବନି ସାରିଆ ମା’ର ଚୂଲି
ଭାତହାଣ୍ଡିରେ ଫୁଟିବ ପାଣି ଟକଟକ ହୋଇ
ସଜାଡିହୋଇଯିବ ତା’ ଅସଜଡା ଘର
ପୁଣି ହସିଉଠିବ ତା’ ବୁନ୍ଦା ବୁନ୍ଦା
ଲୁହର ଜୀବନ

ଭଙ୍ଗାଘରେ ଉଇଁବ ପୁନେଇଁର ଜହ୍ନ ।

ଜାଳ ଦି’ ଖଣ୍ଡ ଚୂଲି ଭିତରକୁ
ମୁହାଁଇ ଦଉଦଉ
କ’ଣ ଭାବିଲା କେଜାଣି ସେ
ଟୋପାଟୋପା ଲୁହ ଖସିପଡ଼ିଲା
ତା’ ନେଞ୍ଜରା ଲଗା ଶୁଖିଲା ଆଖି ହଳକରୁ
ମହଣମହଣ ଦୁଃଖ ଯେପରି ପର ଝାଡି
ଉଡି ଆସୁଥିଲେ ତା’ ଦାଣ୍ଡ ଅଗଣାକୁ ।

ରଡନିଆଁରେ ଜଳୁଥିଲା ଚୂଲି ହୁତୁହୁତୁ
ହୋଇ
ସାରିଆ ମା’ ଚଟୁରେ ଭାତ ଚିପୁଥିଲା
ନିଗିଡିପଡୁଥିବା ଆଖିର ଲୁହକୁ
ତା’ ଚିରା ଶାଢିରେ ପୋଛିଦେଉଥିଲା
ନିଜ ଅଜାଣତରେ ବାରବାର ।

ଆଉ ଖୋଜୁଥିଲା ସେ
ମାଟିକାନ୍ଥରେ ଝୁଲୁଥିବା
ସାରିଆ ବାପାର ଫୋଟ ଭିତରେ
ଖୁନ୍ଦିହୋଇରହିଥିବା ତା’ ହଜିଲା ଅତୀତକୁ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର

## ଜୀବ ଥିବା ଯାଏଁ ସବୁ ସୁନ୍ଦର
### ରତ୍ନାକର ରାଉତ



ଜୀବ ଥିବାଯାଏଁ ସବୁ ସୁନ୍ଦର
ଜୀବ ଗଲା ପରେ ଶବ ଶରୀର
ପ୍ରାଣହୀନ ପିଣ୍ଡ ମଢ଼ା
ପାଖ ମାଡ଼ନ୍ତିନି କେହି ତାହାର ହୋ
ସୁଜନେ... ।

କାନ୍ଦ ବୋବାଳିରେ କଂପେଇପୁର
ଜୀବ ଛାଡ଼ିଗଲେ ଆପଣାପର
କେ କାନ୍ଦେ ଘଡ଼ିଏ କିଏ ମୁହୂର୍ତ୍ତେ
କୋକେଇ ଉପରେ ନଡ଼ା ଚାଦର
ଛଅ ଖଣ୍ଡି ବାଉଁଶ ହୁଅଇ

ଲୋଡ଼ା ହୋ ସୁଜନେ
ତାହା ଶେଷ ସମ୍ବଳ ।

ଦେଇ ହରିବୋଲ କରି ହରି କୀର୍ତ୍ତନ
ମାଲବାହୀମାନେ ନିଅନ୍ତି ବୋହି ହୋ ସୁଜନେ
ନିମିଷେ ଜୀବନ ନିମିଷେ ନାହିଁ ।

ମଲାଗଲା ବୋଲି ପଡ଼ଇ ହୁରି
ଯିଏ ଥିଲା ସିଏ ଗଲା ବାହୁଡ଼ି
ଗୋବର ପାଣିରେ ପୋଛଇ ଘର
ଓଳେଇ ଦିଅନ୍ତି ଦାଣ୍ଡ ଦୁଆର
ଜୀବ ଛାଡ଼ିଗଲେ ଆପଣା ଘର
କିଏ ଅବା ନିଜର କିଏ ଅଟଇ ପର
କିଏ ଅଟେ କାହାର ହୋ ସୁଜନେ
କିଏ କାହାର ।

ଏକଲା ବାଟୋଇ ହାଟ ବାଟ ସାରି
ଏକଲା ଫେରେ
ଏକାକୀ ଆସିଛି ଏକାକୀ ଯିବ
ଯିବାବେଳେ କେହି ସାଥେ ନଥିବ
ହୋ ସୁଜନେ
କେହି ସାଥେ ନଥିବ ।

♥ ଭୁବନେଶ୍ୱର

## ହେ ଈଶ୍ୱର
### ଐଶ୍ୱର୍ଯ୍ୟା ପ୍ରଧାନ



ଏବେ ଏବେ ଡେଣା ମେଲିଥିବା
ପକ୍ଷୀଟିଏ ମୁଁ
ନିଳାମ୍ବୁ ଛାତିରେ ମାଳମାଳ
ମେଘମାଳା ଭିଡ଼ରେ
ବସେ, ଉଡେ ଆଉ ଗୁଣୁଗୁଣୁ ଗୀତ ଗାଏ
ଭାବେ, ଧରା ଦେବିନି କାହାର
ହାତ ପାହାନ୍ତରେ
ଏମିତି ରହିବି ମୁକ୍ତ ବିହଙ୍ଗଟିଏ ହୋଇ
ଲୋଡା ନାହିଁ ମୋତେ ସେ ସୁନାର ପଞ୍ଜୁରୀ
ଆଉ ସେ ରୂପା ଥାଳିର ଭାତ !

ହେ ଈଶ୍ୱର,
ହଜିଯିବାକୁ ଚାହେଁ ମୁଁ ଅମଡ଼ା ବାଟରେ
କାହିଁକି ବାରମ୍ବାର ଠାବ କରୁଛ ମୋତେ ,
ଠେଲି ଦେଉଛ ମୋତେ ଲକ୍ଷ ଲକ୍ଷ
ପିଶାଚଙ୍କ ଗହଣରେ
ଆଉ ମୁଁ ଯେ ଅଣନିଃଶ୍ୱାସୀ
ଭେଜାଲ ଅତରର ଉତ୍କଟ ବାସ୍ନାରେ !!

ହେ ଈଶ୍ୱର, ଅସହ୍ୟ ଏ ପୀଡ଼ା
ଅସହ୍ୟ ଏ ପ୍ରବଞ୍ଚନା
ପ୍ରତିଟି ଆଖିର ଡହ ଡହ ନିଆଁ
ଗୋଟାପଣେ ଖାଇଯିବାକୁ ମୋତେ ।

ନେଇଯାଅ....
ଅଭିଶାପର ଅଙ୍ଗ ପ୍ରତ୍ୟଙ୍ଗକୁ
ନେଇଯାଅ ପ୍ରଭୁ,

ତିଳତିଳ ଜଳୁଥିବା ଏ ଶରୀରକୁ
କରିଦିଅ ଭସ୍ମୀଭୂତ
ସବୁ ଜଳି ପୋଡ଼ି ପାଉଁଶ ହେଲାପରେ ?
ନା ଥିବ ଅବଶୋଷ, ନା ଥିବ ଆତ୍ମଗ୍ଲାନି
ଆଉ ତୁମେ ଦେଖୁଥିବ ସାଜି ଗୋଟେ
ନିର୍ବାକ୍ ଈଶ୍ୱର !!

♥ ଶ୍ରୀ ନଗର, ଭବାନୀପାଟଣା,
କଳାହାଣ୍ଡି

## ଏକାକାର
### ପ୍ର. ଗିରିଜା ଶଂକର ଶର୍ମା



ସେଠୁ ନିଷ୍କ୍ରାନ୍ତ ହେବା ପାଇଁ
ବଢ଼େଇଲି ପାଦ । କିଛି ସମୟ ପରେ
ମୁଁ ଦେଖିଲି ଯେଉଁଠୁ ବାହାରିଥିଲି
ଠିକ୍ ସେଇ ଯାଗାରେ ପହଞ୍ଚି ଯାଇଛି ।
ବୁଝିଗଲି ତୋ’ଠୁ ଦୂରେଇ ଯିବା
ଏତେ ସହଜ ନୁହେଁ ।
ତୁ ଥିଲେ ପକ୍ଷୀ ମାନଙ୍କ କୂଜନ
କ୍ଳାନ୍ତ ବାଟୋଇ କାନରେ ପଡୁଥିବା
ଦୂରବର୍ତ୍ତୀ ବଇଁଶୀର ସ୍ୱର ପରି ଶୁଭେ ।
ତୋ ପାଖରେ ଥିଲେ
ମହମହ ବାସ୍ନାରେ ମହକୁ ଥାଏ ପୃଥିବୀ ।
ତୋ ସାଂଗରେ ମୁଁ ପାଏ ମୋର ଅସ୍ତିତ୍ୱ ।
ତୋ ବିନା ଏ ସଂସାର

ଗୋଟିଏ ଧୂଷର ବୃତ୍ତ ଯେଉଁଠି
ମରୁଭୂମି ଥାଏ ଓ
ପାଣିର ଚିହ୍ନବର୍ଣ୍ଣ ନଥାଏ ।

ତୁ ଏକ ଚୁମ୍ବକ
ମୋତେ ଭିଡ଼ି ଧରୁ
ତୋର ଅଦୃଶ୍ୟ ଆଲିଙ୍ଗନରେ ମୁଁ ବନ୍ଧା ପଡ଼େ
ବାହୁ ବେଷ୍ଟନୀରୁ ବାହାରି ପାରେନି ।

ମୋର ଅଣୁ ପରମାଣୁରେ
ମୁଁ ଖୋଜି ପାଏ ତୋତେ ।
ତୋ ଠାରୁ ଦୂରେଇ ଯିବାର ପ୍ରଶ୍ନ କାହିଁ ଯେ ?

ଯେମିତି ପବନରୁ ସୁବାସ,
କିରଣରୁ ଆଲୋକ,
ସଂଗୀତରୁ ସ୍ୱରକୁ
ଅଲଗା କରାଯାଇ ପାରେନା ।

ସେମିତି ତମଠୁ ମୁକୁଳି ଯିବା
ଚିନ୍ତା ବି କରାଯାଇ ପାରେନା
ଆମେ ଏକ ଓ ଅଭିନ୍ନ
ଆମକୁ ଅଲଗା କରିବା
ଚେଷ୍ଟା ବି କରେନା ।

♥ ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୪୦୯୫

## ଶ୍ମଶାନ ତୁଳସୀ
### ଅବନ୍ତି ପଣ୍ଡା



ପୁରାଣ ବର୍ଣ୍ଣିତ ପରମ ପବିତ୍ର
ମହା ସତୀ ବୃନ୍ଦାବତୀ
ପତିବ୍ରତା ଧର୍ମ ପୁଣ୍ୟ ବଳେ ମର୍ତ୍ତ୍ୟେ
ତୁଳସୀ ନାମ ବୋଲାନ୍ତି
ଘର ଅଗଣାରେ ତୁଳସୀ ଚଉରା
ରୂପେ ସେ ପୂଜା ପାଆନ୍ତି
ସ୍ୱାମୀ ସନ୍ତାନ ଙ୍କ ମଙ୍ଗଳ ମନାସି
ମାଆ ଜାଳେ ସଂଜବତୀ
ଚଉରା ମୂଳରେ ମୁଣ୍ଡିଆ ଟେ ମାରି
ଅନୁଗୁଳ କରି ଗଲେ
ଅଭୀଷ୍ଟ ପୁରଣ ହୋଇଥାଏ ଶୁଭେ
ଶୁଣିଛି ମୁଁ ପିଲାବେଳେ
ନାରାୟଣଙ୍କ ଅତି ପ୍ରିୟ ଗୁଳ୍ମ
ପୂଜା ପାଇଁ ନିତି ଲୋଡା

ତୁଳସୀ ପତ୍ର ର ବିନା ପ୍ରଭୁଙ୍କର
ଭୋଗ ହୁଏ ନାହିଁ ବଢ଼ା
ଯେତେ ଫୁଲ ମାଳ ମଣ୍ଡିଲେ ଶ୍ରୀଅଙ୍ଗେ
ମାନେନା ତାଙ୍କର ମନ
ତୁଳସୀର ମାଳ ହୃଦେ ଲମ୍ବିଥିଲେ
ସନ୍ତୋଷ କଳାବଦନ
ଅତ୍ୟନ୍ତ ପବିତ୍ର ତୁଳସୀ ବୃକ୍ଷଟି
ମଣିଷ ହିତରେ ଥାଏ
ରୋଗ ବ୍ୟାଧି ପାଇଁ ମହୌଷଧି ରୂପେ
ପତ୍ର ତାର ଲୋଡ଼ା ହୁଏ
ଜୀବ ଗଲାବେଳେ ତୁଳସୀ ଜଳ କୁ

ମୁଖେ ଦେଲେ ମିଳେ ମୁକ୍ତି
ଇହ ଜନମର ପାପ କଟିଯାଏ
ମିଳଇ ପରମ ଗତି
ମରଣ କାଳରେ ମଶାଣି ଭୂଇଁରେ
ଅନ୍ତିମ ସଂସ୍କାର ପରେ
ତୁଳସୀ ବୃକ୍ଷ ଟେ ରୋପନ୍ତି ଯତନରେ
ଯୂଇର ମଧ୍ୟ ଭାଗରେ
ଯେଉଁ ଦିବ୍ୟ ଗୁଳ୍ମ ଚଉରା ରୂପରେ
ନିତି ପୂଜା ପାଉଥାଏ
ସେଇ ଗୁଳ୍ମ ପୁଣି ଶ୍ମଶାନ ତୁଳସୀ
ଭାବରେ ଅଲୋଡା ହୁଏ
ଅଗଣା ହେଉ କି ଶ୍ମଶାନ ରେ ହେଉ
ତୁଳସୀ ସଦା ପବିତ୍ର
ଯେଉଁ ଠି ବି ଥିଲେ ଦୁର୍ଲ୍ଲଭ ସୁବାସେ
କରେ ଜଗତ ମୋହିତ ।

♥ ଜଗତସିଂହପୁର

## ବର୍ଷା ବର୍ଷା ପରି
### ନୀଳମଣି ଚାନ୍ଦ



ମାଗ କି ନ ମାଗ ମେଘ ଜଳ ଆଣିଦେବ
ଦୂର ନଭେ ଇନ୍ଦ୍ରଚାପ ଛବି ଆଙ୍କି ଦେବ
ଏବେ ଶୁଣିନେବ
ଆଇ କହିବେ ବର୍ଷାର ଦେବ ଇନ୍ଦ୍ରଦେବ ।

ଇନ୍ଦ୍ରଗୋପ ଦେଖେଇବ ଚାହଁ କି ନ ଚାହଁ
ଦିଶିବ ବର୍ଷା ଟୋପାରେ ପ୍ରିୟତମ ମୁହଁ
କଦମ୍ବକୁ ଛୁଅଁ
ଭରିଯିବ ମାଦକତା ଇଏ ମିଛ ନୁହଁ ।

ଫୁଟେଇବ ସେ କେତକୀ ଆଉ କିଆ ଫୁଲ
କୃଷକ ଭାଷାରେ କେହି ନୁହଁ ବର୍ଷା ତୁଲ
ନିଦାଘକୁ ଭୁଲ
ସୈ।ଦାମିନୀ ଝାଡ଼ିଦିଏ ରହି ରହି ଝୁଲ ।

ପୂର୍ଣ୍ଣଗର୍ଭା ନିମ୍ନଗାଟି ହୁଏ ଧାବମାନ
ପାଦପର ପାଶେ ନାହିଁ ଆଜି ଅଭିମାନ
ଦିଏ ବର୍ଷା ଧାନ
ଧରିତ୍ରୀଟି ମଣୁଥାଏ ତେଣୁ ଭାଗ୍ୟବାନ ।

ଚାହଁ କି ନ ଚାହଁ ଆସି ଯିବ ଝରି ଝରି
ବନ୍ୟା ଦେବ ଗୋପ ସ୍ମୃତି କିଛି ମନେ ଭରି
ବର୍ଷା ବର୍ଷା ପରି
କି ଲାଭ ପାଏ ବିରହ ନିଆଁ ଜାଳି କରି ।

♥ ମନ୍ତ୍ର ମାନୋର,
ଗୋଠପାଟଣା, ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ତୁମ ପରିଚୟ
### ସ୍ମିତା. ଜି. ମହାପାତ୍ର



ପରିଚୟ ତୁମ କପାଳରେ ଲେଖା
ବିଶ୍ୱାସର ସେ ପ୍ରତୀକ..
ଟୋପାଏ ସିନ୍ଦୂର କହେ ତୁମ କଥା
ଭରଇ ମନେ ପୁଲକ...

ଅଳଙ୍କାର ସବୁ ଫିକା ପଡ଼ିଯାଏ
ସିନ୍ଦୂର ଟୋପାର ଆଗେ..
ଅସୀମ ସାହସ ଶକତି ସଂଚରେ
ବନ୍ଧୁରର ଚଲା ପଥେ..

ଝିଅଟିଏ ଯେବେ ଆନନ୍ଦରେ ପିନ୍ଧେ
ମଥାରେ ସିନ୍ଦୂର ଟୋପା...
ତାହାର ସ୍ୱାମୀର ଆୟୁଷ ବଢଇ
ପୁରାଣରେ ଏହା ଲେଖା..

ଉଦିତ ସୁରୂଜ କିରଣରେ ଥାଏ
ନାଲି ସିନ୍ଦୂରର ଆଭା..
ସେଇ ଆଭା ପୁଣି ସିମନ୍ତରେ ଥାଏ
ବଢାଏ ଘରର ଶୋଭା..

ନାରୀ ଟିଏ ଯେବେ ସିନ୍ଦୂର ରେଖାରେ
ନିଜକୁ ସଜାଇ ଦିଏ..
ଦେବୀଟିଏ ପରି ପ୍ରକଟି ଉଠଇ
ଭିଡ ମଧ୍ୟେ ଦିଶିଯାଏ ।

ବାରିପଦା
୮୪୮୦୯୧୧୯୨୭

## ଶ୍ରାବଣୀ
### ଜଗଦୀଶ ସାହୁ



ବରଷା ରାଣୀର ଅଲିଅଳି ଝିଅ
ନାଆଁ ଶ୍ରାବଣୀ
ଇଛା ହେଲେ ତାର ଅସରା ଅସରା
ଢାଳଇ ପାଣି ।

ପାଣି ପିଇ ଗଛ ପତର ସୁନ୍ଦର
ସବୁଜ ଦିଶେ
ନାନା ରକମର କୁସୁମରେ ଧରା
ମହକି ବାସେ ।

ଜଳଭରା ନଈ ଆଗକୁ ଧାଏଁ ସେ
ବୁଡ଼ାଇ କୂଳ
ଭାସିଯାଏ କେତେ ଗାଆଁଗଣ୍ଡା ଛଣ
ଛପର ଚାଳ ।

ବରଷା ସଙ୍ଗରେ ସ୍ୱେଦ ବହିଲେ
ଚାଷୀର ଦେହ
ଥରିଉଠେ ସିନା ଛାଡିପାରେ ନାହିଁ
ଚାଷରୁ ମୋହ ।

ମନରେ ତାଆର କରିଅଛି ପଣ
କୌଣସି ମତେ
ଚାଷ କରି ସିଏ ଦାନା ଯୋଗାଇବ
ସଂସାର ହିତେ ।

♥ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬

## ମାଟି ଦୀପ
### ସୁରଞ୍ଜନ ପାତ୍ର



ଏପାଖେ ଜଳୁଛି ଜହ୍ନରାତି ମୋ’ର
ଆରପାଖେ ଜଳେ ଜୁଇ
ଗାଇବାକୁ ମନା ଜୀବନର ଗୀତ
ଦୁଃଖେ ଟଳମଳ ବୟସର ପଥ
ଜିଇଁଛି କେବଳ ପରାଜୟ ବରି
ନିଜ ଲୁହ ନିଜେ ପିଇ ।

ପାଖୁଡ଼ା ପାଖୁଡ଼ା ଦରଜ ମୋ’ ଦେହେ
ହସେ ଆଜି ମଥା ଟେକି
ଜାଣେନା ମୁଁ କେବେ ଘାସଫୁଲ ପାଖେ
ଭୂଇଁରେ ପଡ଼ିବି ଲୋଟି ।

ଆଉ କି ପାରିବି ମେଘର ପଣତେ
ଶ୍ରାବଣର ସଞ୍ଜ ହୋଇ
ଏପାଖେ ଜଳୁଛି ଜହ୍ନରାତି ମୋ’ର
ଆର ପାଖେ ଜଳେ ଜୁଇ ।

କାକର ପଖଳା ମନ ଅଶିଣ ମୋ’
ଯାତନା ଶିଖାରେ ସିଝେ
ଶିଉଳିରେ ଭରା ତୁଠ ପଥରରେ
ଖୁସି ମୋ’ର ଲୁହେ ଭିଜେ ।

ମାଟିରେ ତିଆରି ଦୀପର ଆୟୁଷ
କୁହ କେତେ କାଳ ସହି
ଏପାଖେ ଜଳୁଛି ଜହ୍ନରାତି ମୋ’ର
ଆର ପାଖେ ଜଳେ ଜୁଇ ।

♥ ସଂପାଦକ-ନୀହାରକନ୍ୟା
ସାହିତ୍ୟ ସଂସଦ,
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର,
ବାଲେଶ୍ୱର- ୭୫୬୦୪୫

## ଲୁହ
### ଅକ୍ଷୟ କୁମାର ରାଉତ



ବେଳେବେଳେ ମନ ହୁଏ
ବୁକୁ ଫଟାଇ କାନ୍ଦିବାକୁ
କେଉଁ ଦିନରୁ
ଆଖିରେ ଜମାଟ ବାନ୍ଧିଥିବା
ଲୁହର ହିମଗିରି କୁ ତରଳାଇବାକୁ
ବିନା ଦ୍ୱିଧାରେ, ନିଃସଂକୋଚରେ ।

ବେଳେବେଳେ ମନ ହୁଏ କାନ୍ଦିବାକୁ
ପ୍ରେମରେ ଅସଫଳତା ପାଇଁ ହେଉ
କି ପ୍ରେମରେ ମିଳିଥିବା ପ୍ରତାରଣା ପାଇଁ
ଅବା ନିୟତିର ଭଗାରି ପଣିଆ ପାଇଁ

ଆଖି ଭିତରେ ଉବୁଟୁବୁ ହେଉଥିବା
ସେଇ ଲୁହ
କେଜାଣି କାହିଁକି ବନ୍ଧ ବାଡ଼ ଭିତରେ
କଏଦ ହୋଇ ଯାଆନ୍ତି ।
ବେଳେବେଳେ ମନ ହୁଏ କାନ୍ଦିବାକୁ
ଜୀବନରେ ଅସଫଳତା ପାଇଁ ହେଉ
କି ନିଜ କର୍ତ୍ତବ୍ୟରେ ଅପାରଗତା ପାଇଁ
ଅବା ପରିବାର ପାଇଁ କିଛି

ନ କରି ପାରିବାର ଅନୁଶୋଚନା ପାଇଁ
ହେଲେ କାନ୍ଦି ପାରେନା ।

ଏ ଲୁହ ଗୁଡ଼ା
ଏତେ କଠୋର କେମିତି ହୋଇଯାଆନ୍ତି !
ଆଖି ଭିତରେ ଉବୁଟୁବୁ ହୁଅନ୍ତି
ହେଲେ,ବାହାରକୁ ଆସିବାକୁ ସଙ୍କୋଚ
କିଏ କଣ ଭାବିବ
କିଏ କାଳେ ପରିହାସ କରିବ
ଲୋକ ଲଜ୍ୟାକୁ ଲୁହର ବି ଡର
ଲୁହର ବି ଡର ସମାଜକୁ !
କହନ୍ତି,ଲୁହ କାଳେ ଚିର ସାଥୀ
ଠିକ୍ ଛାଇ ଭଳି ଶେଷ ଯାଏ ଥାଏ !

♥ ବାଳକାଟି, ଆଳି,କେନ୍ଦ୍ରାପଡ଼ା

## ବର୍ଷା ଭାବନା
### ମୋହନ ଚରଣ ବିଷି



ବର୍ଷା ଆସିବ କଳାଚାଦର
ଘୋଡ଼େଇ ହେଇ
ବିଜୁଳି ଚମକାଇ
ଘଡଘଡିର ଚିତ୍କାର
ଯିଏ ସମ୍ଭାଳିବ
ସିଏ ବର୍ଷା ସହ
ବିଭୋର ହେବ
ବର୍ଷା ଆନମନା କରିବ
ଆଁ କରି ରହିଥିବା
ମାଟି ଶୋଷ ମେଣ୍ଟେଇବ
ଗଛଲତା ଗିରିବନ ହସିବ
ମଂଜି ଫାଟି
ଗଜା ବାହାରିବ

ପତ୍ର ଫୁଟି
ଦୋଳି ଖେଳିବ
ଇନ୍ଦ୍ର ମହାପ୍ରଭୁକୁ
ବଦନୀ କରିବ
ଝଡି ବର୍ଷା
ନରଦୁଥିବ
ଅମାନିଆ ହୋଇ

ଭିଜିବ ନିର୍ଦ୍ଧୁମ
ଭିଜିବାରେ
ଯେଉଁ ଆନନ୍ଦ
ଭିଜିବାରେ
ଯେଉଁ ସୁଖ
ନୃତ୍ୟ ଜାଣେ
ସଂଗୀତ ଜାଣେ
ମୟୂରୀ ଜାଣେ
ଚଷାପୁଅ ଜାଣେ
ବର୍ଷା ସୁଖ ଦିଏ
ବର୍ଷା ଦୁଃଖ ଦିଏ
ବର୍ଷା ଭୋକ ଦିଏ
ବର୍ଷା ତୃଷ୍ଣା ଦିଏ ॥

♥ ଗଡରାମାଲ, କୋକସରା
କଳାହାଣ୍ଡି
ମୋ- ୯୭୭୭୪୬୮୮୪୧

# ଗୃହପାଳିତ ପଶୁଙ୍କ ପାଇଁ ଡାକ୍ତର ଅଭାବ: ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଛି

ମାଲକାନଗିରି, ୨୯/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାର ଗାଈଗୋରୁ, ଛେଳି ମେଣ୍ଢା ଓ ଘୁଷୁରିଙ୍କ ପାଇଁ ଏବେ ଭଗବାନ ହିଁ ଭରସା। ଜିଲ୍ଲାରେ ୧୩ଟି ପଶୁ ଚିକିତ୍ସାଳୟ ରହିଥିବା ବେଳେ ଡାକ୍ତର ଅଭାବ କାରଣରୁ ଗାଈଗୋରୁଙ୍କ ଚିକିତ୍ସାରେ ବାଧକ ସାଜିଛି। ଜିଲ୍ଲାର ସାତୋଟି ବ୍ଲକରେ ପ୍ରାୟ ୫ ଲକ୍ଷ ଗାଈଗୋରୁ, ଛେଳିମେଣ୍ଢା ଓ ଘୁଷୁରି ରହିଥିବା ବେଳେ ଏମାନଙ୍କୁ ପାଳୁଥିବା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଜିଲ୍ଲାରେ ୪୨ ଜଣ ସିଡିଭିଓ,ଏସଡିଭିଓ, ଏଡିଭିଓ(ଏଲପି), ଏଡିଭିଓ(ଡିସି), ଏଡିଭିଓ(ଏଡବ୍ଲୁ), ଡିଡି(ଡିଭିଏଚ), ଏଭିଏସ, ବିଭିଓ, ଡିଟିସି ଭିଏଏସ, ବିଏଏସ(ବ୍ଲକ), ଭିଏଏସ(ଏମଭିୟୁ) ରହିବା କଥା, କିନ୍ତୁ ବର୍ତମାନ ଜିଲ୍ଲାର ୧୩ଟି ସେଂଟରରେ ମାତ୍ର ୨୩ ଜଣ ରହିଛନ୍ତି। ସାତୋଟି ବ୍ଲକରେ ଥିବା ପଶୁ ଚିକିତ୍ସାଳୟ ଗୁଡିକରେ ଜଣେ ହେଲେ ପଶୁ ଡାକ୍ତର ନାହାନ୍ତି। ସେହିପରି ସାତୋଟି ବ୍ଲକରେ ଆଉ ଗୋଟିଏ ଲେଖାଏଁ ଥିବା ଅନ୍ୟ ପଶୁ ଚିକିତ୍ସାଳୟରେ ମାତ୍ର ୩ ଜଣ ଡାକ୍ତର ରହିଛନ୍ତି। ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଚାରୋଟି ଗ୍ରୁପ କରାଯାଇଛି। କେଉଁ କର୍ମଚାରୀ କେଉଁ ଗ୍ରୁପରେ ରହିବେ ତାହା ଉଲ୍ଲେଖ କରାଯାଇଛି। ଏ-ଗ୍ରୁପରେ ୪୨ ଜଣ କର୍ମଚାରୀ ଦରକାର ପଡୁଥିବା ବେଳେ ଅଛନ୍ତି ମାତ୍ର ୨୩ ଜଣ। ସେହିପରି ବି-ଗ୍ରୁପରେ ୨ ଜଣ ସ୍ଥାନରେ ଜଣେ, ସି-ଗ୍ରୁପରେ ୮୮ ଜଣଙ୍କ ସ୍ଥାନରେ ୨୭ ଜଣ ଏବଂ ଡି-ଗ୍ରୁପରେ ୩୫ ଜଣଙ୍କ ସ୍ଥାନରେ ୧୧ ଜଣ ଅଛନ୍ତି। ତେବେ ମୋଟରେ ୧୬୭ ଜଣଙ୍କ ସ୍ଥାନରେ ଜିଲ୍ଲାର ମାତ୍ର ୬୨ ଜଣ କର୍ମଚାରୀ ରହିଥିବା ଜଣାପଡିଛି। ଆହୁରି ୧୦୫ଟି ପଦବୀ ଏବେ ବି ଖାଲି ପଡିଛି। ଜିଲ୍ଲାରେ ୩,୦୦,୮୧୧ଟି ଗାଈଗୋରୁ ରହିଥିବା ବେଳେ ୬,୪୦୦ ମଇଁଷି, ମେଣ୍ଢା ୨୦,୫୩୨ଟି, ଛେଳି ୧,୨୬,୫୧୬ଟି ଏବଂ ଘୁଷୁରି ୧୭,୦୪୦ଟି ରହିଛନ୍ତି। ତେବେ ଏତେ ସଂଖ୍ୟକ ଗୃହପାଳିତ ପଶୁଙ୍କ ପାଇଁ ଡାକ୍ତର ଅଭାବ ଥିବା ଯୋଗୁଁ ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କୋରକୋଣ୍ଡା ବ୍ଲକରେ ସର୍ବାଧିକ ୭୦ ହଜାର ଗାଈଗୋରୁ ରହିଥିବା ବେଳେ ଖଇରୁପଟ ବ୍ଲକରେ ୧୪ ହଜାର ଗାଈଗୋରୁ ରହିଛନ୍ତି। ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କୋରକୋଣ୍ଡା ବ୍ଲକରେ ସର୍ବାଧିକ ୭୦ ହଜାର ଗାଈଗୋରୁ ରହିଥିବା ବେଳେ ଖଇରପୁଟ ବ୍ଲକରେ ୧୪ ହଜାର ଗାଈଗୋରୁ ରହିଛନ୍ତି। ବହୁ ପଶୁ ଚିକିତ୍ସାଳୟରେ ଆଟାଣ୍ଡାଂଟମାନେ ଗାଈଗୋରୁଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ପଶୁ ଚିକିତ୍ସକଙ୍କ ଅଭାବ ଏବଂ ବହୁ ସମୟରେ କୌଣସି କର୍ମଚାରୀ ପଶୁ ଚିକିତ୍ସାଳୟରେ ରହୁନଥିବାରୁ ଚାଷୀ ଆଗକୁ ଗୃହପାଳିତ ପଶୁଙ୍କୁ ପାଳିବା ପାଇଁ କୁଣ୍ଠାବୋଧ କରୁଥିବା ଦେଖିବାକୁ ମିଳିଛି। ମାଲକାନଗିରି ସହରରେ ଶହ ଶହ ଗାଈଗୋରୁ ଖୋଲାମେଲାରେ ନିଜର ଜୀବନ ବିତାଉଛନ୍ତି। ଲୋକେ ଗାଈ ରଖୁଛନ୍ତି ସିନା କେବଳ କ୍ଷୀର ପାଇଁ। ବହୁ ସମୟରେ ଗାଈଗୋରୁ ଦୁର୍ଘଟଣାଗ୍ରସ୍ତ ହେଲେ ନା ମାଲିକ ତା’ର ଚିକିତ୍ସା କରାଉଛି ନା ପଶୁ ଚିକିତ୍ସାଳୟ ତରଫରୁ କେହି ନିଜ ଉଦ୍ୟମରେ ଚିକିତ୍ସା କରାଉଛନ୍ତି। ବିଚରା ପ୍ରାଣୀ ଗୋଟିଏ ସ୍ଥାନରେ ପଡି ରହି ମୃତ୍ୟୁକୁ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି। କିଛି ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅସହାୟ ପ୍ରାଣୀଙ୍କର ଚିକିତ୍ସା କରାଯାଇପାରୁଛି। ଏପରି ସ୍ଥଳେ ତୁରନ୍ତ ସମସ୍ତ ପଶୁ ଡାକ୍ତରଖାନାରେ ପଶୁ ଚିକିତ୍ସକଙ୍କ ନିଯୁକ୍ତି ସାଙ୍ଗକୁ ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହୋଇଛି।

# ଉପକୃତ ହେବେ ୭ ପଂଚାୟତର ୫୦ ହଜାର ଜନ ସାଧାରଣ

## ୧୧ କିମି ରାସ୍ତା ଶୀଘ୍ର ସାରିବାକୁ ବିଧାୟକ ଗଣେଶ୍ୱରଙ୍କ ସମୀକ୍ଷା

କେନ୍ଦ୍ରାପଡ଼ା, ୨୯/୦୭ (ନି.ପ୍ର): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ଧୋୟା ଅଂଚଳରେ ସବୁବେଳେ ରାସ୍ତା ସମସ୍ୟା ଲାଗି ରହିଛି । ସ୍ୱାଧିନତା ପରେ ମଧ ଏହି ଅଂଚଳରେ ଥିବା ପଂଚାୟତ ଗୁଡିକୁ ଗମନାଗମନର ସୁବିଧା କରାଯାଇ ନଥିବାରୁ ଅଂଚଳ ବାସିନ୍ଦା ମାନେ ବର୍ଷ ସାରା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ବର୍ଷା ଋତୁରେ ଓ ବନ୍ୟା ସମୟରେ ଏହି ଅଂଚଳ ସଂପୂର୍ଣ୍ଣ ଭାବେ ଜିଲ୍ଲା ସଦର ମହକୁମା ରୁ ଓ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୀର୍ଘ ଦିନରୁ ଦାବି ହେଉଥିବା ବେଳେ ବିଧାୟକ ଗଣେଶ୍ୱର ବେହେରା ବିଭାଗୀୟ ଅଧିକାରୀ ମାନଙ୍କ ସହ ଘଟଣା ସ୍ଥଳ ପରିଦର୍ଶନ କରି ଜଗନ୍ନାଥପୁର ଠାରୁ ଦାମୋଦରପାଟଣା ପର୍ଯ୍ୟନ୍ତ ୧୧ କିମି ରାସ୍ତା ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି । ଏଥିପାଇଁ ପ୍ରାୟ ୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ୧୧ କିମି ରାସ୍ତା ନିର୍ମାଣ ହେଲେ ପଟ୍ଟାମୁଣ୍ଡାଇ, ଆଳି, ବରୀ ପ୍ରମୁଖ ୩ଟି ବ୍ଲକକୁ ଗମନାଗମନ ସଂଯୋଗ ହୋଇପାରିବ । ଏହାଦ୍ୱାରା କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହୀ ପ୍ରଭୃତି ୭ଟି ପଂଚାୟତର ୫୦ ହଜାର ଲୋକ ଉପକୃତ ହେବେ। ବିଧାୟକଙ୍କ ଏହି ସମୀକ୍ଷା ସମୟରେ ପୂର୍ତ୍ତ ଡିଭିଜନ - ୨ର କନିଷ୍ଠ ଯନ୍ତ୍ରୀ ଜ୍ୟୋତି ରଂଜନ ବେହେରା, ଏସଡିଓ ରାଜଶ୍ରୀ ବେହେରାଙ୍କ ସମେତ ୭ଟି ପଂଚାୟତର ସରପଂଚ, ଜିଲ୍ଲା ପରିଷଦ ସଭ୍ୟା, ସମିତି ସଭ୍ୟଙ୍କ ସହ ବ୍ଲକ ସଭାପତି ଆଲୋକ ସାହୁ ଓ ଗ୍ରାମର ବହୁ ମୁରବୀ ଲୋକ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ଦିନ ପାଇଁ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା

ସମ୍ବଲପୁର, ୨୯/୦୭ (ନି.ପ୍ର): ଅଗଷ୍ଟ ୧ ସମ୍ବଲପୁରୀ ଦିନ ଉପଲକ୍ଷେ ଆଜି ତମ୍ପନା ଫାଉଣ୍ଡେସନ ଏବଂ ପଶ୍ଚିମାଂଚଳ ଏକତା ମଂଚ ତରଫରୁ ସାକ୍ଷୀପଡ଼ା ଭେଟେନେରୀ କେମ୍ପସ ଠାରେ ଦିନ ୧୦ ଘଟିକା ସମୟରେ ଚିତ୍ରାଙ୍କନ ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସବଜୁନିଅର, ଜୁନିଅର ଏବଂ ସିନିଅର ତିନୋଟି ବର୍ଗର ପ୍ରତିଯୋଗି ଭାଗ ନେଇଥିଲେ ଏହି ପ୍ରତିଯୋଗିତାରେ ସର୍ବମୋଟ ୮୭ଜଣ ପ୍ରତିଯୋଗି ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମା’ ସମଲେଇ ଏବଂ ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମାର ପୂଜାର୍ଚ୍ଚନା ସହ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ତମ୍ପନା ଫାଉଣ୍ଡେସନର ନିର୍ଦ୍ଦେଶକ ଡା ଅଞ୍ଜନ କୁମାର ଦାସ, ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ବରର୍ତି, ସାଧାରଣ ସମ୍ପାଦକ ଆକାଶ ଶତପଥୀ, ମାର୍ଗଦର୍ଶକ ସୁଧୀର ପୂଜାରୀ, ମୁଖ୍ୟ କୁନୁଆଁ ଡା. ପର୍ଶୁରାମ ପଣ୍ଡା, ସମ୍ମାନିତ କୁନୁଆଁ ଡ଼ ସୁଷମା ସାହୁ, ପଶ୍ଚିମାଂଚଳ ଏକତା ମଂଚର ଜିଲ୍ଲା ସଂଯୋଜକ ଦେବାଶିଷ ବେହେରା, ସରୋଜିନୀ ବନଛୋର, ଝୁନୁ ତ୍ରିପାଠୀ, ସୌଭାଗିନୀ ପଟେଲ, ବଳରାମ ହୋତା, ଭୋଳାଶଙ୍କର ମହତମ, କ୍ଷିତୀଶ ବାଗ, ଜେମାଦେଇ ବରର୍ତି, ପ୍ରଜ୍ଞା ପଟ୍ଟନାୟକ, କିଶୋର ଦାସ, ନନ୍ଦିତା ପ୍ରଧାନ, ସ୍ୱସ୍ତିକା ନାୟକ ଏବଂ ସଂଯୁକ୍ତା ପ୍ରଧାନ, ଅମିତାଭ ମାଝୀଙ୍କ ସହ ତମ୍ପନା ଫାଉଣ୍ଡେସନ ଏବଂ ପଶ୍ଚିମାଂଚଳ ଏକତା ମଂଚର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସୁଦାମ ପଣ୍ଡା ଏବଂ ଦେବାଶିଷ ପ୍ରଧାନ ବିଚାରକ ଦାୟିତ୍ୱ ତୁଲାଇଥିଲେ।

# ପ୍ରକୃତି ସଂରକ୍ଷଣ ଦିବସ ପାଳିତ

ବ୍ରହ୍ମପୁର, ୨୯/୦୭ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ତରଫରୁ ରବିବାର ଅପରାହ୍ନରେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ପରିସରରେ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ବିଷୟରେ ଏକ ଆଲୋଚନାଚକ୍ର ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ର ଅଧକ୍ଷତା କରି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ମହମଦ ଆସଲାମ, ସର୍ବଶ୍ରୀ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସୁଦର୍ଶନ ବିଷୋୟୀ, ପାର୍ବତୀ ପ୍ରସାଦ ପାଢ଼ୀ, ମାନସ ରଞ୍ଜନ ପାତ୍ର, କେ ଧର୍ମା ରାଓ, ଆକାଶବାଣୀର ସହକାରୀ ଅଧକ୍ଷ ଅମର ପ୍ରସାଦ ସାହୁ, ପ୍ରସନ୍ନ କୁମାର ଦାସ, ବାବୁଲା ନାୟକ, ସ୍ୱାମୀ ବାବୁ, ବିନାୟକ ପାତ୍ର ପ୍ରମୁଖ ଆଲୋଚନାଚକ୍ରରେ ଭାଗ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କାର୍ଗିଲ ଯୁଦ୍ଧରେ ଶହୀଦ ଯବାନ ମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନଟ ପାଇଁ ନିରବ ଶୋକ ସଭା କରାଯାଇଥିଲା। ଆଲୋଚନଚକ୍ର ପରେ ଆକାଶବାଣୀ ପରିସରରେ ବୃକ୍ଷଚାରା ରୋପଣ କରାଯାଇଥିଲା।

# ମହାଆଡ଼ମ୍ବରରେ ପାଳିତ ହେଲା ହରିଚନ୍ଦନପୁର ପ୍ରେସ କ୍ଲବର ତୃତୀୟ ବାର୍ଷିକ ଉତ୍ସବ

ହରିଚନ୍ଦନପୁର, ୨୯/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ପ୍ରେସ୍ କ୍ଲବର ତୃତୀୟ ବାର୍ଷିକ ଉତ୍ସବ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ସୂଚନା ଅନୁଯାୟୀ, ଠାକୁରପଡା କଲ୍ୟାଣ ମଣ୍ଡପରେ ରବିବାର ଦିନ ହରିଚନ୍ଦନପୁର ପ୍ରେସ କ୍ଲବର ତୃତୀୟ ବାର୍ଷିକ ଉତ୍ସବ ଖୁବ୍ ଧୁମ୍ ଧାମରେ ପାଳନ କରାଯାଇଛି । ପ୍ରେସ କ୍ଲବର ସଭାପତି ଶ୍ରୀନିବାସ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ମୁଖ୍ୟବକ୍ତା ଭାବେ ହରିଚନ୍ଦନପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ମହାରଣା, କେନ୍ଦୁଝର ଜିଲ୍ଲା ସମ୍ବାଦ ପ୍ରତିନିଧି ସୁବ୍ରତ ସ୍ୱାଇଁ, ଜାତୀୟ ଗଣମାଧ୍ୟମ ପ୍ରତିନିଧି ନିର୍ମଳ ଚନ୍ଦ୍ର ନାୟକ, ସମାଜସେବୀ ସଞ୍ଜିବ୍ କୁମାର ସାହୁ, ଆଇନଜିବି ଅନିଲ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକର ଶ୍ରେଷ୍ଠ ବିଦ୍ୟାର୍ଥୀ ଜ୍ୟୋସ୍ନା ରାଣୀ ମହାରଣା, ସଫଳ ଚାଷୀ ଦମୟନ୍ତୀ ନାୟକ, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ର, ରତିକାନ୍ତ ସାହୁ, ପ୍ରଶାନ୍ତ ନାୟକ, ରାମଚନ୍ଦ୍ର ନାଏକ, ପ୍ରେମାନନ୍ଦ ଦାସ, ଶିକ୍ଷାବିତ ଅକ୍ଷୟ ପଲେଇଙ୍କୁ ପ୍ରେସ କ୍ଲବ୍ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜୀବ ଲୋଚନ ମହାନ୍ତ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ କ୍ଲବର ସମ୍ପାଦକ ପ୍ରଶାନ୍ତ ନାୟକ ବିବରଣୀ ପାଠ କରିଥିଲେ । ଏବଂ ପରିଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରେସ କ୍ଲବର ଉପସଭାପତି ପ୍ରେମାନନ୍ଦ ଦାସ, ବରିଷ୍ଠ ସାମ୍ବାଦିକ ଘନଶ୍ୟାମ ଜେନା, ରାମଚନ୍ଦ୍ର ନାଏକ, ଚନ୍ଦନ ନାୟକ, ଜଗବନ୍ଧୁ ବାରିକ, ସନ୍ତୋଷ ମହାନ୍ତ, ତନ୍ମୟ କୁମାର ସାହୁ, ଲକ୍ଷ୍ମଣ କୁମାର ମହାନ୍ତ, ନିଗମପ୍ରସାଦ ସାହୁ, ଉତମ ଗିରି, ହିମାଂଶୁ ଶେଖର ଦାସ, କୃଷ୍ଣ ଚନ୍ଦ୍ର ବେହେରା, ଅନିଲ କୁମାର ସାହୁ, ଜୀବନ ଜ୍ୟୋତି ବେଜ, ଉଦୟନାଥ ପାତ୍ର, ଭବାନୀ ପ୍ରସାଦ ମହାନ୍ତ, ପ୍ରଶ୍ନ ନାଏକ ଉପସ୍ଥିତ ରହିଥିଲେ ।

# ପୋଲିସ, ପବ୍ଲିକ, ଆଡମିନିଷ୍ଟ୍ରେସନ କୋଅର୍ଡିନେସନ କମିଟିର ବୈଠକ

ଜୟପୁର, ୨୯/୦୭ (ନି.ପ୍ର): ଜୟପୁର ସ୍କୋୟାର ହୋଟେଲ ସ୍ଥିତ କନ୍ଫରେନ୍ସ ହଲରେ ପୋଲିସ, ପବ୍ଲିକ, ଆଡମିନିଷ୍ଟ୍ରେସନ, କୋଅର୍ଡିନେସନ କମିଟିର ଏକ ସାଧାରଣ ବୈଠକ ରଜନୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଭାଗ ନେଇଥିଲେ। ସଭା ସଂଚାଳନ ନିରଞ୍ଜନ ପାଣିଗ୍ରାହି କରିଥିଲେ। ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନୂତନ କର୍ମକର୍ତା ଚୟନ। ସମ୍ପାଦକ ଓ ସଭାପତିଙ୍କ ଅଭିଭାଷଣ ପରେ କର୍ମକର୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରଜନୀକାନ୍ତ ନାୟକଙ୍କୁ, ଉପ ସଭାପତି ଭାବେ ସୁରେଶ ହୋତା, ଶ୍ରୀମତୀ ଜାନକୀ ପାଣିଗ୍ରାହୀ, ଶକ୍ତି ପ୍ରସାଦ ଷଡଙ୍ଗୀ, ପ୍ରତାପ କୁମାର ପଟ୍ଟନାୟକ, ସତୀଶ କୁମାର ନନ୍ଦଙ୍କୁ ସାଧାରଣ ସମ୍ପାଦକ ଭାବେ ନିରଞ୍ଜନ ପାଣିଗ୍ରାହିଙ୍କୁ ସହସମ୍ପାଦକ ଭାବେ ଶାନ୍ତନୁ କୁମାର ପଣ୍ଡା ଓ ମୁନା ପାଣିଗ୍ରାହୀଙ୍କୁ କୋଷାଧକ୍ଷ ଭାବେ, ଅରବିନ୍ଦ ମହାପାତ୍ର ଓ ସତ୍ୟବାନ ପଣ୍ଡାଙ୍କୁ କାର୍ଯ୍ୟନିର୍ବାହୀ ସମ୍ପାଦକ ଭାବେ ଶଙ୍କର ପ୍ରହରାଜ, ରାଜେନ୍ଦ୍ର କୁମାର ଜେନା, ଝୁନୁ ପଣ୍ଡା, ରାଜେଶ ପାତ୍ର ଓ ବରୁଣ ଜୈନଙ୍କୁ ଚୟନ କରାଗଲା। ପରବର୍ତୀ ସମୟରେ ଉପଦେଷ୍ଟା ମଣ୍ଡଳୀ ଚୟନ କରାଯିବା ପାଇଁ ସ୍ଥିର କରାଗଲା। ସମସ୍ତ କର୍ମକାର୍ତାଙ୍କୁ ଜୟପୁର କୋରାପୁଟର ଉନ୍ନତି ସାଧନ କରିବା ଓ ନିଜ ପଦବୀର ମର୍ଯ୍ୟାଦା ରକ୍ଷା କରିବା ନେଇ ଶପଥପାଠ କରାଗଲା। ଏହା ପରେ ପରେ ଦୁଇଟି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଗଲା। ପ୍ରଥମେ ଜୟପୁର ମେନ ରୋଡର ପ୍ରକୃତ ନାମକୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନାମରେ ନାମିତ କରାଇବା ଓ ଦ୍ୱିତୀୟତଃ ସ୍ୱାଧୀନତା ଦିବସ ଦିନ ଫ୍ଲେକ୍ସ ବୋର୍ଡରେ ‘ ଗର୍ବରେ କୁହ, ମୁଁ ଜଣେ ଭାରତୀୟ‘ ବୋଲି ଲେଖାଇ ଜନସାଧାରଣଙ୍କର ଦସ୍ତଖତ କରାଇବା। ସମସ୍ତ କର୍ମକର୍ତା ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ପରେ ସମ୍ପାଦକ ନିରଞ୍ଜନ ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ।

# ବହୁ ପ୍ରତୀକ୍ଷାର ଅନ୍ତପରେ କାର୍ଯ୍ୟକ୍ଷମ ହେଲା ବ୍ରହ୍ମବରଦା ବିଦ୍ୟୁତ୍ ସବ୍‌ଷ୍ଟେସନ ଓ ଅନ୍ୟ ଅଂଚଳକୁ ବିଦ୍ୟୁତ୍ ସଂଯୋଗ ଦାବି

ଧର୍ମଶାଳା, ୨୯/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ ଦିର୍ଘ ଦିନ ଧରି ଉପଭୋକ୍ତାମାନେ ନାହିଁ ନ ଥବବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ କୁଆଖିଆ ଡିଭିଜନ ଅଧିନରେ ଥିବା ବ୍ରହ୍ମବରଦା କଲେଜଛକ ନିକଟରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେସନ ପ୍ରତିଷ୍ଠା କରାଯାଇଥିଲା । ଏହା କାର୍ଯ୍ୟକ୍ଷମ ନ ହୋଇ ଦୀର୍ଘ ଦିନ ପଡି ରହିଥିଲା । ଟାଟା ପାୱାର ଦାୟିତ୍ୱ ନେବା ପରେ ଏହି ସବ୍ ଷ୍ଟେସନ କାର୍ଯ୍ୟକ୍ଷମ ହେବା ସହିତ ଏହି ସବ୍ ଷ୍ଟେସନ ଅଧିନରେ ଥିବା ଦୃବଳ ତାର,ଖୁଂଟିଗୁଡିକୁ ବଦଳା ଯାଇଥିଲା। ଏବଂ ଗୁରୁତ୍ୱପୁର୍ଣ୍ଣ ସ୍ଥାନରେ ସୁରକ୍ଷା ବାଡ ନିର୍ମାଣ କରାଯାଇଥିଲା । ତେବେ ବ୍ରହ୍ମବରଦା ଓ ମହେଶ୍ୱରପୁର ଅଂଚଳର ଉପଭୋକ୍ତାମାନଙ୍କ ସମସ୍ତ ସମସ୍ୟା ଦୂର ହୋଇଥିଲା । ହେଲେ ବହୁ ସ୍ଥାନକୁ ଏହି ସବ୍ ଷ୍ଟେସନରୁ ସଂଯୋଗ ଦିଆ ଯାଇ ନାହିଁ । ଫଳରେ କିଛି ଅଂଚଳର ଉପଭୋକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାକି ଉପଭୋକ୍ତମାନେ ବିଦ୍ୟୁତ୍ ସଂଯୋଗ କରିବା ନେଇ ଦାବି କରିଛନ୍ତି । ବ୍ରହ୍ମବରଦା ଫିଡରରେ ଗୋଟିଏ ୫ଏମ୍‌ଭିଏ ଟ୍ରାନ୍ସଫର୍ମର ବସିଛି। ତାର କାର୍ଯ୍ୟକ୍ଷମ ଯେତିକି ସେତି ପରିମାଣର ବିଦ୍ୟୁତ ଉପଭୋକ୍ତମାନଙ୍କୁ ଭାଗ କରି ଦିଆଯାଇଛି । ନିକଟରେ ଆଉ ଏକ ୫ଏମଭିଏ ଟ୍ରାନ୍ସଫର୍ମର ଏଠାରେ ବସିବାର ଅଛି । ଟ୍ରାନ୍ସଫର୍ମର ବସିବା ପରେ ସମସ୍ତ ଅଂଚଳକୁ ତୁରନ୍ତ ଲାଇନ ସଂଯୋଗ ଦିଆଯିବ । ଏବଂ ଏହି ସମସ୍ତ ଅଂଚଳର ତାର ଓ ଦୁର୍ବଳ ଖୁଂଟ ଏବଂ ସୁରକ୍ଷା ବାଡ ନିର୍ମାଣ ସରିଛି ବୋଲି ବ୍ରହ୍ମବରଦା ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁ କହିଛନ୍ତି । ଅନ୍ୟ ପକ୍ଷେ ଉପଭୋକ୍ତଙ୍କ ସୁବିଧା ନିମନ୍ତେ ବ୍ରହ୍ମବରଦା ଅଂଚଳରେ ଅନୁଭବ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ତେବେ ବ୍ରହ୍ମବରଦା ଅଂଚଳରେ ଉପଭୋକ୍ତାଙ୍କ ସଂଖ୍ୟା ଏବେ ୧୦ ହଜାର ଉପରେ ରହିଛି । ଏବେ ଏଠାରେ କର୍ମଚାରୀଙ୍କ ସଂଖ୍ୟା ୪୩ ରେ ପଂହଚିଛି । ଏବଂ ସମସ୍ତ ଅଂଚଳରେ ୩୩୦ଟି ଟ୍ରାନ୍ସଫର୍ମର ରହିଛି । ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ଲୋଭୋଲଟେଜ୍ ଥିବା ସ୍ଥାନମାନଙ୍କରେ ଥିବା ଛୋଟଛୋଟ ଟ୍ରାନ୍ସଫର୍ମରକୁ ବଦଳାଇ ସେଗୁଡିକୁ ବଡ କରାଯାଇଛି। ଯାହାକି ଉପଭୋକ୍ତଙ୍କ ଦୀର୍ଘ ଦିନର ଆଶା ପୁରଣ ହୋଇପାରିଛି । ନିକଟରେ ଟ୍ରାନ୍ସଫର୍ମର ବସିବା ପରେ ବଡବାଲିକୁଦା ,ଅରାବଳ ଓ ବନ୍ଧଡିହ ଅଂଚଳର ଶହଶହ ଉପଭୋକ୍ତା ଉପକୃତ ହୋଇପାରିବେ । ସୁଚନା ଥାଉକି, ଦୀର୍ଘଦିନ ହେବ ବ୍ରହ୍ମବରଦା ଅଂଚଳ ବିଦ୍ୟୁତ୍ ପାଇବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲା । ପୂର୍ବରୁ ସୁଜନପୁର ସବ୍ ଷ୍ଟେସନରୁ ବ୍ରହ୍ମବରଦାକୁ ଲାଇନ ଆସିବାରେ ବହୁ ସମସ୍ୟା ଦେଖା ଦେଇଥିଲା । ଏହି ଅଂଚଳରେ ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ ଦିନ ହେବ ବହୁ ସ୍ଥାନରେ ଦୃବଳ ତାର ଓ ଖୁଂଟ ଗୁଡିକ ଭାଙ୍ଗିବା ସହ ଗାଁ ଭିତରେ ଆସିଥିବା ତାର ଉପରେ ଗଛ ପଡିବା ଫଳରେ ଦିନକୁ ପାଖାପାଖି ୬ରୁ୮ ଘଂଟା ବିଦ୍ୟୁତ୍ ସରବରାହ ବନ୍ଦ ରହିବା ସହିତ ଲୋଭୋଲଟେଜର ସମ୍ମୁଖନ ହେଉ ଥିଲେ ।

# ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଭାଗବତ ବେହେରାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

କନ୍ଧମାଳ, ୨୯/୦୭ (ନି.ପ୍ର): ବିଜେଡ଼ି ନେତା ତଥା ପୂର୍ବତନ କାଉନସିଲର ଭାଗବତ ବେହେରାଙ୍କ ପରଲୋକରେ ବିଜୁ ଜନତା ଦଳ ପକ୍ଷରୁ ଡ୍ୟାନ୍ସ ଏକାଡେମୀ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭା ପୂର୍ବତନ ବିଜେଡି ଜିଲ୍ଲା ସଭାପତି ସରୋଜ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଜୁ ଜନତା ଦଳର ବରିଷ୍ଠ କର୍ମୀ ତଥା ଆଇନଜିବୀ ଶିବ ପ୍ରସାଦ ତ୍ରିପାଠୀ, ପ୍ରତାପ ପାତ୍ର, ବୀଣା ପାଣି ପ୍ରଧାନ, କମଳ ବେହେରା, ବିମଳ ପାଢ଼ି, ପୂର୍ବତନ କାଉନସିଲର ପ୍ରଦୀପ ମୁନି, ସୁନୀଲ ସେଠି, ବିରେନ୍ଦ୍ର କହଁର, ପୁନମ କହଁର, ରବିନ୍ଦ୍ର ଷଡଙ୍ଗୀ, ପାର୍ଥ ସାରଥି ବିଶ୍ୱାଳ, କାଉନ୍ସିଲର ମାଧବୀ ମିଶ୍ର, ଦାରୁଣ ବେହେରା, ଚିନ୍ତା ମଣି ଦାସ, ପ୍ରମୁଖଙ୍କ ସମେତ ଅନେକ ତାଙ୍କର ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ବେହେରା ଜଣେ ଦକ୍ଷ ସଂଗଠକ, ସମାଜସେବୀ, ପରୋପକାରୀ, ମିଷ୍ଟ ଭାଷୀ ବ୍ୟକ୍ତି ଥିଲେ । ବିଜୁ ଜନତା ଦଳ ପ୍ରତି ତାଙ୍କର ଅବଦାନ ଓ ସହଭାଗିତାକୁ ମନେ ପକାଇଥିଲେ ସମସ୍ତେ । ଗଭୀର ଶୋକ ବ୍ୟକ୍ତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରିଥିଲେ। ସୂଚନାଯୋଗ୍ୟ ଯେ, ପୌରପାଳିକାର ପୂର୍ବତନ କାଉନସିଲର ତଥା ବିଜେଡି ନେତା ସ୍ୱର୍ଗତ ଭାଗବତ ବେହେରାଙ୍କ ମଙ୍ଗଳବାର ରାତିରେ ଚିକିତ୍ସିତ ଅବସ୍ଥାରେ ଭୁବନେଶ୍ୱରରେ ପରଲୋକ ହୋଇଯାଇଥିଲା।

# ଘୁଂଟଗଡ଼ିଆ ମିନି ଅଙ୍ଗନୱାଡିରୁ ଚୋରୀ

ଚମ୍ପୁଆ, ୨୯/୦୭ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଘୁଂଟଗଡିଆ ମିନି ଅଙ୍ଗନୱାଡି କେନ୍ଦ୍ରର ତାଲା ଭାଙ୍ଗି ଚୋରି ହୋଇଥିବା ଜଣାପଡ଼ିଛି। ଚୋରମାନେ ଗତ ରାତି କେନ୍ଦ୍ରରୁ ଚୋରି କରିବାରେ ସଫଳ ହୋଇଥିବାବେଳେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ କି, ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଗାଁ ଛକରେ ଏକ ଷ୍ଟେସନାରୀ ଦୋକାନ କରିଥିବା ବେଳେ ସେ ଏହି କେନ୍ଦ୍ରରେ ଦୋକାନ ସାମଗ୍ରୀ ରଖି ଆସୁଥିଲେ। ତେବେ ଏହି ଷ୍ଟେସନାରୀ ଦୋକାନ ସାମଗ୍ରୀ ଚୋରୀ କରିବା ଲକ୍ଷରେ ଚୋରମାନେ କେନ୍ଦ୍ରରେ ଚୋରି କରିଥିବା ଅନୁମାନ କରାଯାଉଛି। ତେବେ ଏହାକୁ ନେଇ ସିଡିପିଓଙ୍କୁ ଯୋଗାଯୋଗ କରାଯାଇ ଥିବାବେଳେ ଚୋରିହୋଇଛି ମାତ୍ର କେନ୍ଦ୍ରର କୌଣସି ଜିନିଷ ଚୋରୀ ହୋଇନାହିଁ, ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀ ରଖିଥିବା ଦୋକାନ ସାମଗ୍ରୀ ଚୋରମାନେ ଚୋରି କରିଛନ୍ତି। ତେବେ ଅଙ୍ଗନୱାଡ଼ି କେନ୍ଦ୍ରରେ ଦୋକାନ ସାମଗ୍ରୀ ନରଖିବାକୁ ତାଗିଦ କରାଯାଇ ଥିବା ସୂଚନା ଦେଇଥିବାବେଳେ ଏହାକୁ ନେଇ ଗ୍ରାମରେ କିଛି ଗ୍ରାମବାସୀ ଓ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀ ମୁହାଁମୁହିଁ ସ୍ଥିତି ଉପୁଜିଥିବା ଜଣାପଡ଼ିଛି।

# ସମ୍ବଲପୁର ଦିନ୍ ପାଳନରେ ଗୁରୁଙ୍କ ପ୍ରତିମୂର୍ତ୍ତି ଅନାବରଣ

ସମ୍ବଲପୁର, ୨୯/୦୭ (ନି.ପ୍ର): ଜେଲ୍ ଛକ ନିକଟସ୍ଥ ଗୁରୁଶ୍ରୀ ସତ୍ୟ ନାରାୟଣ ସ୍ମୃତି ଉଦ୍ୟାନ ପରିସରରେ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତି ଉନ୍ମୋଚନ ହୋଇଯାଇଛି। ଏହା ପରେ ପରେ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀ ହଲ ପରିସରରେ ଆକର୍ଷଣୀୟ ‘ସମ୍ବଲପୁରୀ ନନୀ’ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ପ୍ରତିମୂର୍ତୀ ଉନ୍ମୋଚିତ ହେବାପରେ ପରେ ବହୁ ପ୍ରତୀକ୍ଷିତ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ‘ସମ୍ବଲପୁରୀ ଦିନ୍’ ପାଳନ ଅବସରରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ’ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ‘ସମ୍ବଲପୁରୀ ନନୀ’ ପ୍ରତିଭା ଚୟନରେ ପ୍ରତିଯୋଗୀମାନେ ଆକର୍ଷିତ କଳା ସମ୍ବଲପୁରୀ ଡିଜାଇନର କପଡ଼ାରେ ବେଶ୍ ସୁସଜ୍ଜିତ ହୋଇଥିଲେ। ‘ସମ୍ବଲପୁରୀ ଦିନ୍’ର ଅବ୍ୟାହତି ପୂର୍ବରୁ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କ ପୂର୍ଣ୍ଣଅବୟବର ପ୍ରତିମୂର୍ତୀର ଉନ୍ମୋଚିତ ହୋଇଯାଇଛି। ସମ୍ବଲପୁର ଜେଲ୍ ଛକ ନିକଟସ୍ଥ ଗୁରୁ ସତ୍ୟ ନାରାୟଣଙ୍କ ସମ୍ବଲପୁରୀ ଡେରାରେ କେନ୍ଦ୍ର କୋଇଲା ଓ ଖଣି ବିଭାଗର ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ, ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବରଗଡ଼ ସାଂସଦ ପ୍ରଦୀପ କୁମାର ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁପସ୍ଥିତିରେ ତାଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର, ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଗୁରୁଙ୍କର ପ୍ରତିମୂର୍ତି ଉନ୍ମୋଚନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସମେତ ବିଭିନ୍ନ ଜିଲାର ସାମାଜିକ ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନେ ସାମିଲ ହୋଇଥିଲେ। ଏହା ପୂର୍ବରୁ ଅଗ୍ରଣୀ ସାମାଜିକ ସାଂସ୍କୃତିକ ସାଙ୍ଗଠନ ପଶ୍ଚିମାଂଚଳ ଏକତା ମଂଚର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟାନ୍ୟ ଅତିଥିମାନଙ୍କୁ ଦୁଲଦୁଲି ବାଜାର ତାଳେତାଳେ ସ୍ୱାଗତ କରିବା ସହ ପ୍ରତିମୂର୍ତି ସ୍ଥଳକୁ ପାଛୋଟି ଆଣିଥିଲେ। ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇଙ୍କ ରଚିତ ‘ସମ୍ବଲପୁରୀ ଅସ୍ମିତାର ବାଟ କାଢୁଆଳ ଗୁରୁ ସତ୍ୟ ନାରାୟଣ ବହିଦାର’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ସମ୍ବଲପୁରୀ ଭାଷୀ ସଂସ୍କୃତି ପ୍ରତି ରହିଥିବା ଅବଦାନ ବିଷୟରେ ଏହି ପୁସ୍ତକକୁ ଭାରତୀ(ଦେବନାଗରୀ) ଲିପିରେ ପ୍ରକାଶିତ କରାଯାଇଛି। ପରେପରେ ସ୍ଥାନୀୟ ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀ ହଲ ଠାରେ ସମ୍ବଲପୁରୀ ଦିନ ଉପଲକ୍ଷେ ହେଉଥିବା ‘ସମ୍ବଲପୁରୀ ନନୀ’ କାର୍ଯ୍ୟକ୍ରମକୁ ପଂଚାୟତିରାଜ ଏବଂ ଗ୍ରାମିଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର, ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ବଲପୁରୀ ଦିନର ସଂଯୋଜକ ଡ.ପ୍ରମୋଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ ପରିଚାଳନା କରିଥିଲେ। ଶେଷରେ ସମ୍ବଲପୁର ଜିଲା ସଂଯୋଜକ ଦେବାଶିଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲା କାର୍ଯ୍ୟକ୍ରମ ସଂଯୋଜକ ନିଶିକାନ୍ତ ବିଶ୍ୱାଲ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ସତ୍ୟ ନାରାୟଣ ସାହୁ ପ୍ରତିଯୋଗିତାକୁ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ଓ ଦେବଗଡ଼ରୁ ମୋଟ୍ ୬୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ନୃତ୍ୟ ନିର୍ଦ୍ଦେଶକ ମାଷ୍ଟର ପ୍ରେମ, ନାଟ୍ୟଶ୍ରୀ ଗୁରୁ ସତ୍ୟରଂଜନ ବେହେରା, ନୃତ୍ୟ ନିର୍ଦ୍ଦେଶକ ଗୁରୁ ରଣଜିତ ସାହୁ ପ୍ରମୁଖ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ପ୍ରତିଯୋଗିତା ଜୁନିୟର ସବ୍ ଜୁନିୟର ଏବଂ ସିନିୟର ବର୍ଗରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ପଶ୍ଚିମାଂଚଳ ଏକତା ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ପ୍ରଫୁଲ୍ଲ ହୋତା, ଶଶାଙ୍କ ଶେଖର ପଣ୍ଡା, ଡ.ଶ୍ୟାମ ସୁନ୍ଦର ଧର, ପୂର୍ବତନ ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ସଙ୍ଗୀତଜ୍ଞ ତୁଳାରାମ କାଲେତ, ଗୋପୀନାଥ ଷଡ଼ଙ୍ଗୀ, ଦାଶରଥି ସାହୁ, ଡ.ପରେଶ ଦାନୀ, ପୁର୍ଣ୍ଣାନନ୍ଦ ଦାନୀ, କାର୍ତିକ ପ୍ରସାଦ ବହିଦାର, ପୁଷ୍ପା ବେହେରା, ବିପିନ ଦାସ, ଡ.ମୋହିତ ସ୍ୱାଇଁ, ଶାଶ୍ୱତ ତ୍ରିପାଠୀ, ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା ପ୍ରମୁଖଙ୍କ ସହ ସମ୍ବଲପୁର ଏବଂ ସମ୍ବଲପୁର ବାହାରୁ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ।

# ଚମ୍ପୁଆରେ ଗୋଟେ ରାତିରେ ଦୁଇ ଜାଗାରୁ ଚୋରି

ଚମ୍ପୁଆ, ୨୯/୦୭ (ନି.ପ୍ର): ଚମ୍ପୁଆ ଏନଏସିରେ ଗୋଟେ ରାତିରେ ପୃଥକ ଦୁଇ ଯାଗାରୁ ଚୋରୀ ହୋଇଥିବା ଜଣାପଡିଛି। ଗତ ରାତିରେ ଚମ୍ପୁଆ ବସଷ୍ଟାଣ୍ଡ ନିକଟରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରୁ ଚୋରୀ ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଚମ୍ପୁଆ ବସଷ୍ଟାଣ୍ଡ ନିକଟରେ ଥିବା ବ୍ରହ୍ମାନନ୍ଦ ଦାସଙ୍କ ଲକ୍ଷ୍ମୀ ନାରାୟଣ ପୂଜା ସାମଗ୍ରୀ ଦୋକାନରେ ଗତ ରାତିରେ ଦୁର୍ବୃତ ମାନେ କୌଶଳ କ୍ରମେ ପଶି ତାଲା ଭାଙ୍ଗିବା ସହ ଟଙ୍କା ବାକ୍ସରେ ଥିବା ପ୍ରାୟ ଦଶ ହଜାର ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଚୋରୀ କରିବାରେ ସକ୍ଷମ ହୋଇଥିଲେ। ଆଜି ସକାଳେ ବ୍ରହ୍ମାନନ୍ଦଙ୍କ ସାନଭାଇ ମହେଶ୍ୱର ଦୋକାନ ଖୋଲିବାକୁ ଆସି ଦୋକାନର ତାଲା ଭଙ୍ଗା ହୋଇଥିବା ଦେଖିବା ସହ ଚୋରୀ ହୋଇଥିବା ନେଇ ଜାଣିବାକୁ ପାଇଥିଲେ । ଏ ନେଇ ମହେଶ୍ୱର ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି । ସେହିପରି ଗତ ରାତିରେ ଚମ୍ପୁଆ ନେହେରୁ ଷ୍ଟାଡିୟମ୍ ନିକଟରୁ ତିନୋଟି ଗାଈ ଚୋରୀ ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଧଳାଡିହର ମନୋଜ ରାଜ, ଏମଡି ଅଶ୍ରତ, ଏମଡି ତନବିର ଙ୍କର ତିନୋଟି ଗାଈକୁ ଦୁର୍ବୃତ ମାନେ ଏକ ସ୍କର୍ପିଓ ଗାଡ଼ିରେ ଚୋରୀ କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଚମ୍ପୁଆ ପୋଲିସ ଚମ୍ପୁଆ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରାକୁ ଚେକ୍ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଅନୁଷ୍ଠିତ ହେଲା ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ

## ୯୦ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ ଓ ଏସପି: ୫ଟି ଅଭିଯୋଗର ହେଲା ତତ୍କାଳ ସମାଧାନ



ବାରିପଦା , ୨୯/୭ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ (ଭା. ପ୍ର.ସେ.), ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଏସ. ସୁଶ୍ରୀ (ଭା.ପୋ.ସେ) ,ସୋମବାର ଦିନ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ଜନଶୁଣାଣୀ ବୈଠକରେ ଯୋଗଦାନ କରି ବାରିପଦା ଉପଖଣ୍ଡର ୧୦ଟି ବ୍ଲକ ଏବଂ ସଦରମହକୁମାର ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଛନ୍ତି । ଏହି ଜନଶୁଣାଣୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ (ଭା. ପ୍ର.ସେ.) ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଓ.ପ୍ର.ସେ.,(ବ) ବାରିପଦା ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ନାୟକ (ଓ.ପ୍ର.ସେ.), ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ରଜନୀକାନ୍ତ ସ୍ୱାଇଁ, ଓ.ପ୍ର.ସେ.,(ବ)ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଥିଲା ଓ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକ୍ଷକ, ଡାଃ ଅଭୟ କୁମାର ଦାଶ ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ଓ ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡ ଅନ୍ତର୍ଗତ ଚାରୋଟି ବ୍ଲକର ସର୍ବମୋଟ ୯୦ ଟି ଅଭିଯୋଗ ଶୁଣାଣି ହୋଇଥିଲା । ସମସ୍ତ ଅଭିଯୋଗ ମାନଙ୍କ ମଧ୍ୟରେ ମୁଖ୍ୟତଃ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା । ଉକ୍ତ ଅଭିଯୋଗ ମଧ୍ୟରୁ ୭୯ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ, ୧୧ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟରେ ଆଧାରିତ ଥିଲା ଓ ସେଥିମଧ୍ୟରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ, ସର୍ବମୋଟ ୪ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୭,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ଜଣଙ୍କୁ ରେଡ଼ କ୍ରସ ପକ୍ଷରୁ ଚିକିତ୍ସା ପାଇଁ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାପାଳ ୨ଜଣ ଦିବ୍ୟାଙ୍ଗ ଦମ୍ପତିଙ୍କୁ ମଧ୍ୟ ୨,୫୦,୦୦୦ ଟଙ୍କା ଲେଖାଏଁ ବିବାହ ଆର୍ଥିକ ପ୍ରୋତ୍ସାନ ରାଶି ପ୍ରଦାନ କରିଛନ୍ତିଓ ଏଥି ସହିତ, ଜିଲ୍ଲାପାଳ ଦୁଇ ଜଣ ଦୃଷ୍ଟି ବାଧିତ ଛାତ୍ରଙ୍କୁ ଲାପଟପ ପ୍ରଦାନ କରିଛନ୍ତି ଓ ମିଶନ ସକ୍ଷମତା ଯୋଜନାରେ ଅନ୍ତର୍ଗତ ବେତନଟୀ ବ୍ଲକର ଜଣେ ଦିବ୍ୟାଙ୍ଗ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ୫୦,୦୦୦ ଟଙ୍କା ପ୍ରାରମ୍ଭ ନିବେଶ ଧନ ଭାବରେ ପ୍ରଦାନ କରିଛନ୍ତି ଓ ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେଓ ସୂଚନା ଥାଉକି ଆଜିର, ଜନଶୁଣାଣୀ ଚଳିତ ମାସର ବାରିପଦା ଉପଖଣ୍ଡ ପାଇଁ ଦ୍ୱିତୀୟ କାର୍ଯ୍ୟକ୍ରମଓ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାର ଓ ଭଦ୍ରକରେ ଧନ୍ଦାମୂଳକ ଶିକ୍ଷା ପ୍ରଦାନ



ଭଦ୍ରକ, ୨୯/୭ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲ୍ଲା କାରାଗାର ଭଦ୍ରକରେ ରହୁଥିବା ବିଚାରାଧୀନ କଏଦୀଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଇଥିଲା । ନେହା ଅଗ୍ରୱାଲ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ତତ୍ତ୍ୱାବଧାନରେ ମତ୍ସ୍ୟଚାଷ ସଂପର୍କିତ ଏକ ତାଲିମ ଦିଆଯାଇଥିଲା । ଏହି ତାଲିମ୍ ଶିକ୍ଷାରେ ଉପାସନା ମହାନ୍ତି ଓ ଗୀତାଞ୍ଜଳୀ ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ତଥା ଋଷିନାଥ ନାୟକ, ମୁଖ୍ୟ ପରିଚାଳକ ଜିଲ୍ଲା କାରାଗାର, ଭଦ୍ରକ, ଅନୀତା ନାୟକ, ଜିଲ୍ଲା ନିଯୁକ୍ତି ଅଧିକାରୀ, ଭଦ୍ରକ, ସୁଭସ୍ମିତା ସୁରନ୍ଧର ଭିନିଥ୍ ଶେଖର ତଥା କାରାଗାରର ଅନ୍ତେବାସୀ ମାନଙ୍କୁ ନେଇ ଏହି ମତ୍ସ୍ୟ ଚାଷ ଉପରେ ତାଲିମ୍ ଦିଆଯାଇ ଥିଲା । କମ୍ ଜମିରେ ପୋଖରୀ ଖୋଳାଇ କିପରି ବିଭିନ୍ନ ପ୍ରକାରର ମାଛ ଚାଷ କରାଯାଇପାରିବ । ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା । ବିଚାରାଧୀନ କଏଦୀମାନେ ଜେଲରୁ ଗଲାପରେ ସେମାନେ ମଧ୍ୟ ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ଭବିଷ୍ୟତରେ ଜଣେ ସୁନାଗରିକ ହେବା ସଂଗେ ସଂଗେ ଏହି ଧନ୍ଦାମୂଳକ ତାଲିମ୍ ନେଇ ନିଜର ଜୀବିକାର୍ଜନ କରିପାରିବେ ।

## ନୟନା କୁମାରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ



ବାଲେଶ୍ୱର, ୨୯/୭ (ନି.ପ୍ର): ଆଜି ଅପରାହ୍ନରେ ଯୋଗ ମହୋତ୍ସବ ସମିତି ଓ କାଳୀ ମନ୍ଦିର ଯୋଗ କେନ୍ଦ୍ରର ମିଳିତ ସହଯୋଗରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ନୟନାକୁମାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ସୁଦର୍ଶନ ଜେନା, କମଳଲୋଚନ ରଣା, ମଣିଭଦ୍ର ରାଉତ, ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ସଂଯୁକ୍ତା ତ୍ରିପାଠୀ, ଛାତ୍ରଛାତ୍ରୀ, ଯୋଗ ମହୋତ୍ସବ ସମିତିର ଜିଲ୍ଲା ସଂଯୋଜକ ଗୋପାଳ ଚନ୍ଦ୍ର ନାୟକ, ସଂଯୋଜିକା ଦମୟନ୍ତୀ ମହାପାତ୍ର ଏବଂ ସମାଜସେବୀ ଦେବାଶିଷ ନାୟକ ପ୍ରମୁଖ ଭାଗ ନେଇଥିଲେ । ବିଭିନ୍ନ ଔଷଧୀୟ ବୃକ୍ଷ ସହିତ ଫୁଲଗଛ ମଧ୍ୟ ସ୍କୁଲ୍ ପରିସରରେ ଲଗାଯାଇଥିଲା ।

## ବାହ୍ୟ ମଳ ଉପଚାର କେନ୍ଦ୍ର ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ



ବାରିପଦା, ୨୯/୭ (ନି.ପ୍ର): ସ୍ଥାନୀୟ ରଘୁନାଥପୁର ସ୍ଥିତ ବାହ୍ୟ ମଳ ଉପଚାର କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼ାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ଦୁଇଟି ସେସପୁଲ ଗାଡିକୁ ଲୋକାର୍ପିତ କରିଛନ୍ତି । ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ଡ଼ାକ୍ତର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ତାଙ୍କ ସହିତ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀଣି ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ । ବାରିପଦା ପୌରପାଳିକାରେ ୧୦ରୁ ୧୨ହଜାର ପରିବାର ବସବାସ କରୁଥିବା ବେଳେ ହୋଟେଲ, ଦୋକାନ, ମଲ ଆଦି ରହିଛି । ତେବେ ପୌରାଞ୍ଚଳର ଛୋଟ ଗଳି ରାସ୍ତାର ସାହି ମଧ୍ୟରେ ଥିବା ଘରକୁ ମଳ ସଫା କରିବା ପାଇଁ ବଡ଼ ସେସପୁଲ ଗାଡି ଯିବା ଅସମ୍ଭବ ହୋଇପଡିଛି । ଯାହାକୁ ନେଇ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହାକୁ ଦୃଷ୍ଟିରେ ରଖି ବାରିପଦା ପୌରପାଳିକା ପକ୍ଷରୁ ୨୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଦୁଇଟି ଛୋଟ ଅଟୋ ସେସପୁଲ ଗାଡି ଆଣି କାର୍ଯ୍ୟରେ ନିୟୋଜିତ କରାଯାଇଛି । ପୂର୍ବରୁ ୨ଗୋଟି ବଡ଼ ୩୦୦୦ଲିଟର, ୧ଗୋଟି ୧୦୦୦ଲିଟର ସେସପୁଲ ଗାଡି ଥିବା ବେଳେ ଛୋଟ ଦୁଇଟି ଯୋଡି ହୋଇଛନ୍ତି । ଏଗୁଡ଼ିକ ଦ୍ୱାରା ପ୍ରତିଦିନ ୫୦/୬୦ କିଲୋ ଲିଟର ଏବଂ ମାସକକୁ ୧୫୦୦/୨୦୦୦ କିଲୋ ଲିଟର ମଳ ସଫେଇ କରାଯାଇପାରିବ । ବାରିପଦା ସହରକୁ ସ୍ୱଚ୍ଛ ସୁନ୍ଦର କରି ରଖିବା ପାଇଁ ଆଗକୁ ମଧ୍ୟ ଆହୁରି ସଫେଇ ଗାଡି ଯୋଡ଼ା ଯିବାର ବ୍ୟବସ୍ଥା ରହିଛି । ଉକ୍ତ ଦୁଇଟି ନୂତନ ସେସପୁଲ ଗାଡିକୁ ମନ୍ତ୍ରୀ ଡ଼ାକ୍ତର ମହାପାତ୍ର ଓ ବିଧାୟକ ଶ୍ରୀ ସୋରେନ ସବୁଜ ପତାକା ଦେଖାଇ ଲୋକାର୍ପଣ କରିବା ସହ ନିଜେ ଗାଡି ଚଳାଇଥିଲେ । ଏଥି ସହିତ ମଳ ଓ ଅଳିଆ ଆବର୍ଜନା ପୃଥକୀକରଣ କରିବା ପାଇଁ କିପରି କାର୍ଯ୍ୟ ହେଉଛି ସେନେଇ କେନ୍ଦ୍ର ପରିସର ବୁଲି ଅନୁଧ୍ୟାନ କରିଛନ୍ତି । ଏହାପରେ ୱାର୍ଡ ନମ୍ବର ୨୫, ପାଲବଣି ସ୍ଥିତ ଆଚାର ପ୍ରସ୍ତୁତ ଉଦ୍ୟଗ ପରିଦର୍ଶନ କରିଥିଲେ । ମାତୃଶକ୍ତିକୁ ସ୍ୱାବଲମ୍ବୀ କରିବା ଏସଏଚଜିରୁ ଆରମ୍ଭ କରି ରାଜ୍ୟର ଏକ ଲଘୁ ମଧ୍ୟମ ଉଦ୍ୟଗ ଭାବେ ଉକ୍ତ ଆଚାର ପ୍ରସ୍ତୁତ ଉଦ୍ୟୋଗ ପରିଣତ ହୋଇଛି । ସ୍ଥାନୀୟ ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ଆଚାର ପ୍ରସ୍ତୁତ କେନ୍ଦ୍ର ଜରିଆରେ ରାଜ୍ୟ ୧୦ଗୋଟି ଜିଲ୍ଲାର ଆହାର କେନ୍ଦ୍ରକୁ ଆଚାର ଯୋଗାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାରକ୍ଷମ ହୋଇପାରିଛନ୍ତି । ଉକ୍ତ ମା ଦୁର୍ଗା ଏସ୍‌ଏଚ୍‌ଜି ଗ୍ରୁପ ମୟୂରଭଞ୍ଜ ଜିଲ୍ଲା ପାଇଁ ନୁହେଁ ସମଗ୍ର ରାଜ୍ୟର ମହିଳା ମାନଙ୍କ ପାଇଁ ଉଦାହରଣ ସାଜି ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି । ପରିଦର୍ଶନ ଅବସରରେ ମହିଳା ମାନଙ୍କ ସମେତ ଆଲୋଚନା କରି ପ୍ରଶାସନର ସହାୟତା, ଆଚାରର ମାର୍କେଟିଂ ବ୍ୟବସ୍ଥା ବାବଦରେ ବୁଝିଥିଲେ । ଆଗକୁ ମଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକାର ସମସ୍ତ ୱାର୍ଡ କାଉନସିଲର, ପୌର କର୍ମଚାରୀ ସମେତ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ ।

## କଲ୍ୟାଣୀ ଦାସଙ୍କ କବିତାଗ୍ରନ୍ଥ 'ଛୁଇଁଯାଏ ଯେବେ ଯାହା' ଉନ୍ମୋଚିତ



ବାଲେଶ୍ୱର, ୨୯/୭ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ କବୀ କଲ୍ୟାଣୀ ଦାସଙ୍କ ଦ୍ୱିତୀୟ କବିତାଗ୍ରନ୍ଥ 'ଛୁଇଁଯାଏ ଯେବେ ଯାହା' ଉନ୍ମୋଚିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଘୋଷ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବୀ ଶ୍ରୀମତୀ ଦାସଙ୍କ କାବ୍ୟକୃତିକୁ ଭୂୟସୀ ପ୍ରଶଂସା କରିଥିଲେ । ବରେଣ୍ୟ ବକ୍ତା ଭାବରେ ଯଶସ୍ୱୀ ଗବେଷକ ଡ. ସୁବାସ ଚନ୍ଦ୍ର ପାତ୍ର ଓ ଡ. ଭାଗବତ ପ୍ରସାଦ ଦାସ ପୁସ୍ତକଟିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ସରଳ ଓ ସାବଲୀଳ ଭାଷାରେ କବିତା ଲେଖିବା ସବୁଠାରୁ କଷ୍ଟସାଧ କାର୍ଯ୍ୟ ବୋଲି ମତ ଦେଇଥିଲେ । ଅବସରପ୍ରାପ୍ତ ପ୍ରାଧାପିକା ସୁଷମା ବାରିକ ପୁସ୍ତକ ସଂପର୍କରେ ନିଜର ମତ ରଖିଥିଲେ । କବୀ କଲ୍ୟାଣୀ ଦାସ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ଦେଇଥିବାବେଳେ ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ । ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରତିଶୃତି ପୁରଣ କଲେ: ଅସୁସ୍ଥ କିଶୋରଙ୍କ ପାଇଁ ସହାୟତାର ହାତ ବଢାଇଲେ ବିଧାୟକ

ଖଇରା, ୨୯/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ମାଖନପୁର ପଞ୍ଚାୟତ ବାସିନ୍ଦିପୁର ଗ୍ରାମର ଅସୁସ୍ଥ ଥିବା ଯୁବ ସାମ୍ବାଦିକ କିଶୋର କୁମାର ବେହେରାଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ଥିବା ବେଳେ ଖଇରା ସାମ୍ବାଦିକ ସଂଘ ତରଫରୁ ସିମୁଳିଆ ବିଧାୟକଙ୍କ ସହଯୋଗ କାମନା କରାଯାଇଥିଲା । ବିଧାୟକ ପଣ୍ଡା ମଧ୍ୟ ସହଯୋଗ ପାଇଁ ସଂଘର କର୍ମକର୍ତ୍ତାଙ୍କୁ ପ୍ରତିଶୃତି ଦେଇଥିଲେ । ସୋମବାର ବିଧାୟକ ତାଙ୍କର ପ୍ରତିଶୃତି ପୁରଣ କରିଥିବା ବେଳେ ତାଙ୍କର ପରାମର୍ଶ କ୍ରମେ ତାଙ୍କର ପୁତ୍ର ତଥା ବିଜେପି ଯୁବନେତା ନିଳମାଧବ ପଣ୍ଡା,ରାଜ୍ୟ ବିଜେପି ଯୁବମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ କୁମାର ମହାକୁଡ,ମଣ୍ଡଳ ସଭାପତି ମହେଶ୍ୱର ନାଥ,ସାମ୍ବାଦିକ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଅସୁସ୍ଥ ସାମ୍ବାଦିକ ଙ୍କୁ ଭେଟି ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି । ଆଗକୁ ଅଧିକ ସହୟତା ପ୍ରଦାନ ପାଇଁ ପ୍ରତିଶୃତି ମଧ୍ୟ ଦେଇଛନ୍ତି । ରବିବାର ଅପରାହ୍ନରେ ଖଇରା ସାମ୍ବାଦିକ ସଂଘର ଉପଦେଷ୍ଟା ଅନାମ ଚରଣ ପଣ୍ଡା,ସଭାପତି ଉତ୍କଳବନ୍ଧୁ ପଣ୍ଡା,ଉପସଭାପତି ତପୋଧନ ବାରିକ,ସମ୍ପାଦକ ବଳରାମ ଲେଙ୍କା,ସଭ୍ୟ ଛାୟାକାନ୍ତ ମହାନ୍ତି,ସଞ୍ଜୟ କୁମାର ବେହେରା ପ୍ରମୁଖ ବିଧାୟକ ଙ୍କୁ ଭେଟି ସହାୟତା କାମନା କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ଧା ହେଲେ...

ବାହାରିଥିଲା ୬ଟି ଚୋରା ବନ୍ଧୁକ । ଏଥିରେ ମାଷ୍ଟର ମାଇଣ୍ଡ ଥିବା ରଶ୍ମି ରଂଜନ ସ୍ୱାଇଁଙ୍କ ସମେତ ଅନ୍ୟ ୫ ଜଣଙ୍କୁ ଗିରଫ କରିଛି ପୁଲିସ । ଏମାନେ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ଟୁଇନ ସିଟି ଓ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ । ଆଉ ଯିଏବି ସୁପାରୀ ଦେଉଥିଲା ଅପରହଣ ହେଉ କି ହତ୍ୟା ହେଉ କିଛିବି କରିବାକୁ ପଛାଉନଥିଲା ଏହି ଗ୍ୟାଙ୍ଗ । ବିହାରରୁ ସିଧାସଳଖ ଆସୁଥିଲା କି ବନ୍ଧୁକ ? କିଏ କରୁଥିଲା ବନ୍ଧୁକ ସପ୍ଲାଇ ? କେଉଁ ଆଡ଼େ ସବୁ ବନ୍ଧୁକ ବିକିଛି ଗ୍ୟାଙ୍ଗ ? ରିମାଣ୍ଡରେ ଆଣି ପଚରାଉଚରା ପରେ ଖୋଲିପାରେ ରହସ୍ୟ ।

### ରତ୍ନଭଣ୍ଡାରରେ ଗୁପ୍ତ କୋଠରୀ...

ଉପରେ ଯେପରି କୌଣସି ଆଞ୍ଚ ନଆସେ ତାକୁ ପ୍ରାଧାନ୍ୟ ଦେବାକୁ କୁହାଯାଇଛି । ତେବେ ରତ୍ନ ଅଳଙ୍କାର ଗଣତି, ମଣତି ପାଇଁ ସମୟ ନିର୍ଦ୍ଧାରଣ ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଜଷ୍ଟିସ୍ ରଥ । ସେପଟେ ଭିତର ଭଣ୍ଡାର ତାଲା ନଖୋଲିବା ଓ ଏହାର ଡୁପ୍ଲିକେଟ୍ ଚାବି ତିଆରି ହେବା ପ୍ରସଙ୍ଗରେ ଆଜି ବିସ୍ଫୋରକ ବୟାନ ଦେଇଛନ୍ତି ରତ୍ନଭଣ୍ଡାର ତଦାରଖ କମିଟି ସଦସ୍ୟ ଜଗଦୀଶ ମହାନ୍ତି । କହିଛନ୍ତି- ଏ ପୁରା ଘଟଣାକୁ ନେଇ ସନ୍ଦେହ ପ୍ରକାଶ ପାଉଛି । ରତ୍ନଭଣ୍ଡାରରୁ ଚୋରି ନେଇ ସନ୍ଦେହ ହେଉଥିବାରୁ ଏ ନେଇ ଅପରାଧିକ ମାମଲା ରୁଜୁ କରାଯାଇପାରେ । ଉକ୍ତ ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବି ଅବଗତ କରାଯିବ । ଦୀର୍ଘ ୪୬ ବର୍ଷ ପରେ ବହୁ ଦାବି ଓ ବାଦାନୁବାଦ ପରେ ଶେଷରେ ଗତ ଜୁଲାଇ ୧୪ ତାରିଖରେ ଶ୍ରୀମନ୍ଦିରର ବାହାର ରତ୍ନଭଣ୍ଡାର ଓ ଜୁଲାଇ ୧୮ରେ ଭିତର ରତ୍ନଭଣ୍ଡାର ଖୋଲା ଯାଇ ଏହାର ଅଳଙ୍କାର ସବୁକୁ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌କୁ ଏସଓପି ଅନୁସାରେ ସ୍ଥାନାନ୍ତର କରାଯାଇଛି । ତେବେ ଅଳଙ୍କାର ସବୁର ଗଣତି ଓ ମଣତି କେବେ ହେବ ସେନେଇ ଦିନ ଧାର୍ଯ୍ୟ ହୋଇ ନଥିବାବେଳେ ରତ୍ନଭଣ୍ଡାର ଭିତରେ ଆହୁରି ଗୁପ୍ତ କୋଠରୀ ଓ ସୁଡ଼ଙ୍ଗ ଥିବା ଚର୍ଚ୍ଚା ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ ।

### ଧର୍ମଶାଳା ବିଜେଡି ...

ମୂଷା ଉପାଖ୍ୟାନ ବଖାଣିଥିଲେ ପୂର୍ବତନ ବିଧାୟକ ସମ୍ପିତ ରାଉତରାୟ । ସେହି କଥାକୁ ପାରାଦୀପ ବିଜେଡି ବନ୍ଧୁମିଳନ ସଭାରେ ଦୋହରାଇଛନ୍ତି ସମ୍ପିତ । ଆଉ ତାଠୁ ବଡ଼ କଥା ହେଲା ନିର୍ବାଚନ ପରେ ପ୍ରଥମ ଦଳୀୟ ସଭାକୁ ଡକା ଯାଇନି ନଗର ସଭାପତି ବସନ୍ତ ବିଶ୍ୱାଳଙ୍କୁ । କିନ୍ତୁ ଉପସ୍ଥିତ ଅଛନ୍ତି ବାପି ସର୍ଖେଲ । ଯାହାକି ଦଳୀୟ କନ୍ଦଳକୁ ପଦାରେ ପକାଇଛି । କାହିଁକି ନା ନିର୍ବାଚନ ବେଳେ ସମ୍ପିତଙ୍କୁ ବିରୋଧ କରିଥିଲେ ବସନ୍ତଙ୍କ ଗୋଷ୍ଠୀ । ଏମିତିକି ବସନ୍ତଙ୍କ ସମର୍ଥକମାନେ ନବୀନ ନିବାସ ଆସି ସମ୍ପିତଙ୍କ ବିରୋଧରେ ଫେରାଦ ହୋଇଥିଲେ । ଯଦିଓ ବାପି ସର୍ଖେଲ ଏବଂ ସମ୍ପିତ ରାଉତରାୟ କନ୍ଦଳ କଥାକୁ ଅସ୍ୱୀକାର କରିଛନ୍ତି, କିନ୍ତୁ ବସନ୍ତ କହିଛନ୍ତି ଦଳକୁ ଭାଙ୍ଗିବା ପାଇଁ ଏପରି ବନ୍ଧୁ ମିଳନ କରାଯାଉଛି । ୨୪ ବର୍ଷ ନିରଙ୍କୁଶ କ୍ଷମତାରେ ରହିବା ପରେ ପ୍ରଥମ ଥର ପାଇଁ କ୍ଷମତା ହରାଇଛି ଦଳ । ଅପ୍ରତ୍ୟାଶିତ ପରାଜୟ ଭାଙ୍ଗି ଦେଇଛି ନେତା, କର୍ମୀଙ୍କ ମନୋବଳ । ତା ଭିତରେ ପୁଣି ମାସେରୁ ଅଧିକ ଦିନ ରାଜ୍ୟ କମିଟି ଭଙ୍ଗା ହୋଇଥିଲେ ବି ନୂଆ କମିଟି ତିଆରି ହୋଇ ପାରୁନି କି ପରାଜୟର ସମୀକ୍ଷା କରି ପାରୁନି ଦଳ । ହେଲେ ବିଜେଡି ବିଧାୟକ କହିଛନ୍ତି ଦଳ ସମୀକ୍ଷା କରୁଛି, ଦୃଢ ଅଛି ।

### ବଜେଟ୍ ଗେମ୍ ଚେଞ୍ଜର...

କିଏ କରିଥିଲେ ? ସେ ଜୁମଲା କୁଆଡ଼େ ଗଲା ? ବିଜୁ ଯୁବ ବାହିନୀ କାହା ଜୁମଲା ଥିଲା ? ଆମେ ନିର୍ବାଚନ ବେଳେ କହିଥିଲୁ । ନିଶ୍ଚିତ ଭାବେ ଚାଷୀଙ୍କୁ କୁଇଣ୍ଟାଲ୍ ପିଛା ୩୧ ଶହ ଟଙ୍କା ମିଳିବ । ୨୪ ବର୍ଷ ଧରି କେନ୍ଦ୍ରର ଯୋଜନାକୁ ଜୁମଲାର ଥୋପ ଦେଇ ଶାସନ ଚଳାଇଥିଲେ । କେବଳ ନାମକରଣ କରି ପୂର୍ବରୁ ସରକାର ଚଳାଉଥିଲେ ବୋଲି କହିଛନ୍ତି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ । ସେପଟେ ସ୍ୱାଧିକାର ଭଙ୍ଗ ନୋଟିସକୁ ନେଇ ସରଗରମ ବିଧାନସଭା । ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲେ ତାରା ବାହିନିପତି, ତାରାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲେ ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ । ଆଜି ଅଗ୍ନିବୀର ସଂରକ୍ଷଣ ଓ ୫ ବର୍ଷ ବୟସ ସୀମା କୋହଳ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ପଢ଼ିବା ବେଳେ ହଟ୍ଟଗୋଳ ହୋଇଥିଲା । ଗୃହ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ କାହିଁକି ବାହାରେ ଘୋଷଣା କଲେ ବୋଲି ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଥିଲେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି । ସେପଟେ ତାରାଙ୍କ ବିରୋଧରେ ପାଲଟା ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଥିଲେ ଇରାଶିଷ ଆଚାର୍ଯ୍ୟ । ବାଚସ୍ପତିଙ୍କ ବିନା ଅବଗତିରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ଆଣିବା ନେଇ ଗଣମାଧ୍ୟମରେ କାହିଁକି ତାରା କହିଲେ ବୋଲି ପଚାରିଛନ୍ତି ଇରାଶିଷ । ତେଣୁ ତାଙ୍କ ବିରୋଧରେ ମଧ୍ୟ ସ୍ୱାଧୀକାର ଭଙ୍ଗ ନୋଟିସ ଗ୍ରହଣ ହେଉ ଏବଂ ସ୍ୱାଧୀକାର ଭଙ୍ଗ କମିଟିକୁ ପଠାଯାଉ ବୋଲି ଇରାଶିଷ କହିଥିଲେ ।

### ଭିଜିଲାନ୍ସ ଜାଲରେ ଅବକାରୀ ...

ବରଗଡ଼ର ବଦ୍ରିପ୍ରସାଦ ଆପାର୍ଟମେଣ୍ଟରେ ମଧ୍ୟ ତାଙ୍କର ଏକ ଟୁ-ବିଏଚ୍‌କେ ଫ୍ଲାଟ ଅଛି । ଭୁବନେଶ୍ୱରରେ ଗୋଟିଏ ଡୁପ୍ଲେକ୍ସ ଓ ଗୋଟିଏ ଫ୍ଲାଟ ଥିଲେ ସୁଦ୍ଧା ସେ ଧର୍ମ ବିହାରରେ ଭଡ଼ା ଘରେ ରହୁଛନ୍ତି । ସୁବର୍ଣ୍ଣପୁରର ତରଭାରେ ତାଙ୍କର ଗୋଟିଏ ରାଇସ ମିଲ ଅଛି, ଯାହା କାର୍ଯ୍ୟକ୍ଷମ ନାହିଁ । ସୁବର୍ଣ୍ଣପୁରରେ ତାଙ୍କର ଗୋଟିଏ ଫାର୍ମ ହାଉସ୍ ଅଛି । ବ୍ୟାଙ୍କରେ ସେ ୨୨ ଲକ୍ଷ ଟଙ୍କା ଜମା ରଖିଛନ୍ତି । ତାଙ୍କ ଘରୁ ୨୩୦ ଗ୍ରାମର ସୁନା ଅଳଙ୍କାର ଓ ୩୧୭ ଗ୍ରାମର ରୁପା ଅଳଙ୍କାର ମିଳିଛି । ତାଙ୍କର ୩ଟି ଦୁଇ ଚିକିଆ ଯାନ ସହିତ ୧୧.୨୫ ଲକ୍ଷ ଟଙ୍କାର ଘରୋଇ ଆସବାବପତ୍ର ରହିଛି । ଶ୍ରୀ ମିଶ୍ରଙ୍କର ସମସ୍ତ ପ୍ଲଟ, କୋଠା ଓ ଫ୍ଲାଟର ମୂଲ୍ୟାୟନ ଚାଲିଛି । ସେହିପରି ସେ ମ୍ୟୁଚୁଆଲ ଫଣ୍ଡ ଓ ଅନ୍ୟାନ୍ୟ ସ୍ଥାନରେ ନିବେଶ କରିଛନ୍ତି । ସେ ସବୁର ଗଣତି ଜାରି ରହିଛି । ଅବକାରୀ ବିଭାଗରେ ସବ୍ ଇନିସପେକ୍ଟର ଭାବେ ଚାକିରି ଆରମ୍ଭ କରିଥିଲେ । ଏହା ଭିତରେ ୩୦ ବର୍ଷ ବିତି ଯାଇଛି । ସେ ଜଏଣ୍ଟ କମିଶନର ହୋଇଯାଇଛନ୍ତି । ଚାକିରି ଆଉ ୮ ମାସ ଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ି ଯାଇଛନ୍ତି । ୪ ଦିନ ତଳେ ବଲାଙ୍ଗିର ଲୋୟର ସୁକତେଲ୍ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତ ଭିଜିଲାନ୍ସ ଜାଲରେ ପଡ଼ିଥିଲେ । ତାଙ୍କୁ ଗିରଫ କରାଯାଇଛି । ତାଙ୍କର ଅନ୍ୟାନ୍ୟ ସଂପତ୍ତି ସହିତ ୩୪ଟି ପ୍ଲଟ୍ ଠାବ କରାଯାଇଥିଲା ।

### ୩୧ ଓ ୧ ତାରିଖରେ...

ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧ ତାରିଖ ଗୁରୁବାର ଅନୁଗୋଳ, ବୌଦ୍ଧ, ନୟାଗଡ଼, ଢେଙ୍କାନାଳ ଓ କଟକ ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ନବରଙ୍ଗପୁର,କୋରାପୁଟ, ମାଲକାନଗିରି, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବ । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨ ତାରିଖ ଶୁକ୍ରବାର ମୟୂରଭଞ୍ଜ,କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବ । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆଜି ରାଜ୍ୟରେ ଅନେକ ସ୍ଥାନରେ ଝିପିଝିପି ବର୍ଷା ଲାଗି ରହିଥିଲା । ହେଲେ ରାଜଧାନୀ ଭୁବନେଶ୍ୱରରେ କାଉଁଳିଆ ପାଗ ରହିଥିଲା । ସନ୍ଧ୍ୟା ବେଳେ ପ୍ରବଳ ବର୍ଷା ହୋଇଥିଲା । ଯେଉଁଥିପାଇଁ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା । ଅସମ୍ଭାଳ ବର୍ଷା ଯୋଗୁ ରାଜଧାନୀରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି ।

### ଅଭିମନ୍ୟୁଙ୍କ ଭଳି ଭାରତକୁ ...

ତେବେ ମୁଁ ତିନି ଜଣଙ୍କ ନାଁ ହଟାଇ ଦେଉଛି । ଭାରତକୁ କାବୁ କରିଥିବା ଚକ୍ରବ୍ୟୁହ ପଛରେ ଆହୁରି ତିନୋଟି ଶକ୍ତି ଅଛି, ତାହା ହେଉଛି ଏକଛତ୍ରବାଦ ଶାସନର ଚିନ୍ତାଧାରା । ଦ୍ୱିତୀୟ ହେଉଛି, ଏଜେନ୍ସି- କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ), ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ (ଇଡି), ଆୟକର ବିଭାଗ (ଆଇଟି) ଏବଂ ତୃତୀୟ, ରାଜନୈତିକ କାର୍ଯ୍ୟନିର୍ବାହୀ ଅଧିକାରୀ ।' ଏହି ତିନି ଜଣ ଚକ୍ରବ୍ୟୁହର ମୂଳରେ ରହି ଦେଶକୁ ଧ୍ୱଂଶ କରିଛନ୍ତି ବୋଲି ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ।

### ନାବାଳକଙ୍କୁ ଡ୍ରାଇଭ୍ ମନା...

ପରିବହନ ବିଭାଗ କର୍ମଚାରୀ । ଯଦି ନାବାଳକ ଗାଡି ଚଳାଇବା ବେଳେ ଧରାପଡେ ତେବେ ତାଙ୍କ ଗାଡ଼ିକୁ ଅଟକ ରଖି ଅଭିଭାବକଙ୍କ ନାଁରେ ମାମଲା ରୁଜୁ ହେବ । କେବଳ ସେତିକି ନୁହେଁ ୨୫ ହଜାର ଟଙ୍କା ଯାଏ ଫାଇନ ମଧ୍ୟ ଦେବାକୁ ପଡିବ । ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ବର୍ତ୍ତମାନ ସୁଦ୍ଧା ୧୭୨ ଜଣ ନାବାଳକଙ୍କ ମୃତ୍ୟୁ ହୋଇସାରିଲାଣି । ଅଭିଭାବକଙ୍କୁ ଯେତେ ବୁଝାଇଲେ ମଧ୍ୟ ବୁଝୁ ନାହାନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ମାତ୍ର ୮ରୁ ୧୦ ବର୍ଷର ପିଲାମାନେ ଗାଡ଼ି ଚଳାଉଥିବା ଚେକିଂ ବେଳେ ଧରାପଡିଛନ୍ତି । ଏମାନେ ହେଲମେଟ୍ ପିନ୍ଧିବା ତ ଦୂରର କଥା ନିଜ ଓଜନଠାରୁ ଅଧିକ ବଡ଼ ଗାଡି ଚଳାଉଛନ୍ତି । ନିଜ ପିଲାଙ୍କ ପ୍ରତି ପ୍ରଥମେ ଅଭିଭାବକମାନେ ସଚେତନ ହେବା ଜରୁରୀ ବୋଲି ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ କହିଛନ୍ତି । ସେ ଆହୁରି କହିଛନ୍ତି, ରିସ୍କ ନେଇ ତଥା ନିଜ ପିଲାର ଜୀବନକୁ ବାଜି ଲାଗି ଅଭିଭାବକମାନେ ସେମାନଙ୍କୁ ଗାଡି ଦେବା ଉଚିତ ନୁହେଁ । ଏହା ଦେଖି କଷ୍ଟ ହେଉଛି । ଯେତେ ବୁଝାଇଲା ପରେ ବି ସେମାନେ ବୁଝିବାକୁ ନାରାଜ । ତେଣୁ ଆମେ ଆକ୍ସନ ନେବାକୁ ବାଧ ହୋଇଛୁ ।

### ରାଜଧାନୀରେ ଜୁଆ...

ଜବତ କରିଛି ପୁଲିସ୍ । ଜୁଆ ଆଡ୍ଡା ଉପରେ ଚଢ଼ଉ କରି ଏତେ ପରିମାଣର ଟଙ୍କା ଜବତ କରିବା ଭୁବନେଶ୍ୱରର ପ୍ରଥମ ଘଟଣା ବୋଲି ଚର୍ଚ୍ଚା ହେଉଛି । ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କଲ୍ୟାଣମଣ୍ଡପ ମାଲିକଙ୍କ ସହିତ ଯୋଗାଯୋଗ କରିଛି । କଲ୍ୟାଣ ମଣ୍ଡପ ମାଲିକ କହିଛନ୍ତି, ବର୍ତ୍ତମାନ ବାହାଘର ସିଜିନ୍ ନାହିଁ । ତେଣୁ ଅନେକ ସମୟରେ କଲ୍ୟାଣମଣ୍ଡପ ଖାଲିପଡୁଛି । ସେମାନେ ବ୍ୟାଚଲର ଭୋଜି କରିବା ପାଇଁ ମଣ୍ଡପ ଭଡ଼ାରେ ନେଇଥିଲେ । ଜୁଆ ଖେଳ ଚାଲିଥିବା ନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି ମଣ୍ଡପ ମାଳିକ କହିଛନ୍ତି ।

ମଙ୍ଗଳବାର, ୩୦ ଜୁଲାଇ ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବନ ମହୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ

ବସ୍ତା , ୨୯/୭ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ନିଧିପଣ୍ଡା ବାଘାଯତୀନ ସରକାରୀ ଉଚ୍ଚବିଦ୍ୟାଳୟରେ ୟଙ୍ଗଷ୍ଟାର କ୍ଲବ ତରଫରୁ ବନ ମହୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିବା ବେଳେ କ୍ଲବ ର ସଭାପତି ପଙ୍କଜ ପରିଡ଼ା , ଉପସଭାପତି ପ୍ରକାଶ ନାୟକ, କମଳା ଲୋଚନ ପାତ୍ର ସେକ୍ରେଟାରୀ ଚିନ୍ମୟଦାସ,ସୁଜେନ୍ଦ୍ରନାଥ ,ପ୍ରିତମଦାସ ସହିତ ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଆଜି ସମାଜରେ ବୃକ୍ଷ ହିଁଜିବନ । ଏଥିରେ ମାନବ ସମାଜ ପାଇଁ ବୃକ୍ଷର ଭୂମିକା ଅତୁଳନିୟ। ଲୋକେ ଗଛ କାଟିବାରେ ବ୍ୟସ୍ତ କିନ୍ତୁ ବୃକ୍ଷ ରୋପଣ କରିବାରେ ମାନସିକତା ନାହିଁ ଫଳରେ ପୃଥିବୀ ପୃଷ୍ଠରେ ଦିନକୁ ଦିନ ଅମ୍ଳଜାନ କମି କମି ଯାଉଛି ଅଙ୍ଗାରକାମ୍ଳ ବୃଦ୍ଧି ପାଉଥିବାରୁ ବିଭିନ୍ନ ପ୍ରକାର ଅଜଣା ରୋଗ ବ୍ୟାପିବାରେ ଲାଗିଛି । ତେଣୁ ରୋଗରୁ ପ୍ରତିହତ କରିବା ପାଇଁ ଏବଂ ପରିବେଶକୁ ସନ୍ତୁଳନ ରଖିବା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବା ତେବେ ୟଙ୍ଗଷ୍ଟାର କ୍ଲବ ର ଆଜି ହେଉଛି ବାର୍ଷିକ ପ୍ରତିଷ୍ଠା ଦିବସ ଏହି ଅବସରରେ ଆଜି ବନ ମହୋତ୍ସବ ରେ ଅତିଥି ମାନେ ମତବ୍ୟକ୍ତ କରିବା ସହିତ ବିଭିନ୍ନ ପ୍ରଜାତିର ୧୦୦ରୁଉର୍ଦ୍ଧ ଗଛର ଚାରା ରୋପଣ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ବିଶ୍ୱାଳ ଙ୍କ ସଭାପତିତ୍ୱରେ




ବାଘାଯତୀନ ସରକାରୀ ଉଚ୍ଚ ବିଦ୍ୟାଳୟ ଓଡ଼ଙ୍ଗୀ ପରିସରରେ ୟଙ୍ଗଷ୍ଟାର କ୍ଲବ ର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ଛାତ୍ର,ଛାତ୍ରୀ ମାନଙ୍କୁ ଗୋଟିଏ ଗୋଟିଏ ଗଛ ଓ ଫଳ ପ୍ରଦାନ କରିଥିଲେ ଏବଂ କ୍ଲବ ର ସମସ୍ତ ସଦସ୍ୟ ଚାରା ରୋପଣ କାର୍ଯ୍ୟକ୍ରମ ଶେଷକରିଥିଲେ ।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଟ୍ରଷ୍ଟବୋର୍ଡର ବିଚିତ୍ର ନୀତି: ଦୁଇବର୍ଷ ଧରି ତିନୋଟି ଶୌଚାଳୟ ନିଲାମ ସ୍ଥଗିତ କାହା ସ୍ୱାର୍ଥରେ ?




ନୀଳଗିରି, ୨୯/୭ (ନି.ପ୍ର): ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ଭାବେ ପରିଚିତ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଜିଲ୍ଲା ଏବଂ ରାଜ୍ୟ ବାହାରୁ ଦୈନନ୍ଦିନ ହଜାର ହଜାର ଭକ୍ତ ଆସିଥାନ୍ତି । ଶୈବ ପୀଠ ସ୍ଥଳୀର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରଜେକ୍ଟ ମାଧ୍ୟମରେ କୋଟିକୋଟି ଟଙ୍କା ଅନୁଦାନ ଆସୁଅଛି । ସ୍ୱତନ୍ତ୍ର ଭାବେ ଟ୍ରଷ୍ଟବୋର୍ଡ ଓ ଉନ୍ନୟନ କମିଟି ଗଠନ କରାଯାଇ ସ୍ଥାନୀୟ ଉପଜିଲ୍ଲାପାଳ ମୁଖ୍ୟ ଥିବାବେଳେ ଚଳିତ ମାସ ୨୦ ତାରିଖରେ ଉକ୍ତ ଶୈବପୀଠରେ ଥିବା ବିଭିନ୍ନ ଷ୍ଟାଣ୍ଡ ନିଲାମ କରାଯାଇଥିଲା । ଏଥିରେ ନୀଳଗିରି ତହସିଲଦାର ଙ୍କ ପରିପତ୍ର ସଂଖ୍ୟା ୨୧୫୩ ଏବଂ ତା ୩/୭/୨୦୨୪ରିଖରେ ରେ ଟେଣ୍ଡର ନୋଟିସ ବାହାରିଥିଲା । ନିଲାମ ମଧ୍ୟ ସୁରୁଖୁରୁରେ ହୋଇଛି । ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ସମସ୍ତ ଲିଜ ଟଙ୍କା ଟ୍ରଷ୍ଟବୋର୍ଡ ଓ ପଞ୍ଚଲିଙ୍ଗେଶ୍ୱର ଉନ୍ନୟନ କମିଟି କୁ ଯାଉଥିଲା ବେଳେ ଶୈବପୀଠ ସ୍ଥଳୀରେ ଥିବା ତିନିଗୋଟି ଶୌଚାଳୟ ଗତ ତିନିବର୍ଷ ପୂର୍ବରୁ ନିଲାମ କରାଯାଇ ୧ଲକ୍ଷ ୯୧ହଜାର ଟଙ୍କା ଶ୍ୟାମସୁନ୍ଦରପୁର ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିବା ସୂଚନା ରହିଛି । ତେବେ ଉକ୍ତ ନିଲାମ ଅବଧି କେତେ ବର୍ଷପାଇଁ ଥିଲା ଏବଂ ଅଦ୍ୟାବଧି କାହିଁକି ନିଲାମ କରାଯାଇନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ପ୍ରଶ୍ନ ଉଠେ ଉକ୍ତ ଶୌଚାଳୟ ଗୁଡିକ ଶୈବପୀଠ ମଧ୍ୟରେ ଅବସ୍ଥିତ ଥିବାବେଳେ କାହା ସ୍ୱାର୍ଥରେ ଆଉ କାହା ନିର୍ଦ୍ଦେଶରେ ପଞ୍ଚାୟତକୁ ଦିଆଯାଇଛି । ଓଡ଼ିଶାର ପ୍ରସିଦ୍ଧ ଶୈବପୀଠର ଉନ୍ନୟନ ପାଇଁ କଣ ଉକ୍ତ ଶୌଚାଳୟ ନିଲାମ ଅର୍ଥ ଯିବା ଉଚିତ୍ ନୁହେଁ କି ବୋଲି ବୁଦ୍ଧିଜୀବି ମାନେ ପ୍ରଶ୍ନ କରିବା ସମିଚୀନ ନୁହେଁ କି ?।

# ବିଦ୍ୟାଧରଙ୍କୁ ସହାୟତାର ହାତ ବଢାଇଲା ପ୍ରଶାସନ

ବାଲିଆପାଳ , ୨୯/୭ (ନି.ପ୍ର): ଭିନ୍ନକ୍ଷମ ବିଦ୍ୟାଧର ସାହୁ ଙ୍କୁ ଏବେ ବାଲିଆପାଳ ବ୍ଲକ ପ୍ରଶାସନ ସହାୟତାର ହାତ ବଢାଇଛନ୍ତି। ଶେଜ ରେ ପଡି ଜିଇବା ପାଇଁ ସଂଘର୍ଷ କରୁଥିଲେ ବିଦ୍ୟାଧର ।୯୦ ରୁ ଅଧିକ ପ୍ରତିଶତ ଭିନ୍ନ କ୍ଷମ ବିଦ୍ୟାଧର ଜନ୍ମ ରୁ କିନ୍ତୁ ଭିନ୍ନକ୍ଷମ ନ ଥିଲେ। ସଦା ଚଳ ଚଞ୍ଚଳ ରହୁ ଥିଲେ ବିଦ୍ୟାଧର। ଦଇବ ସାଧିଲା ଦାଉ ଏକ ଅଜଣା ଜ୍ୱରରେ ପଡି ହୋଇଗଲେ ଭିନ୍ନ କ୍ଷମ। ପରିବାର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ବିଦ୍ୟାଧରଙ୍କ ମନ ରେ ଥିଲା ଅସୀମ ଦମ୍ଭ ଓ କିଛି ଭଲ କାମ କରିବାକୁ ଆକାଂକ୍ଷା। ଶୋଇ ଶୋଇ ଫୋନ୍‌ରେ ସ ମ୍ପର୍କ ଆଉ କିଛି ମଧ କରାଉ ଥିଲେ। ଗଣ ମାଧ୍ୟମରେ ତାଙ୍କ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତାଙ୍କୁ ସହଯୋଗ କରିବା ପାଇଁ ତତ୍ପର ହୋଇଛି । ବାଲିଆପାଳ ବ୍ଲକ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ସୋମବାର ତାଙ୍କ ମଇଁଷାମୁଣ୍ଡା ବାସ ଗୃହରେ ତାଙ୍କୁ



ଅଧିକ ଭତ୍ତା ଓ ଅନ୍ୟ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ସମ୍ଭବ ହୁଏ ତାହେଲେ ଯନ୍ତ୍ର ଚାଳିତ ଯାନ ମଧ ଯୋଗାଇ ଦେବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ବିଡିଓ ଙ୍କ ଏହି ମହାନ୍ ଭବତାକୁ ସଧାରଣରେ ପ୍ରଶଂସା କରାଯାଇଛି।

# ଡ. କୃଷ୍ଣଚରଣ ବେହେରାଙ୍କ ଶ୍ରାଦ୍ଧୋତ୍ସବ ଓ ସ୍ମୃତି ସଭା



ଭଦ୍ରକ, ୨୯/୭ (ନି.ପ୍ର): ହେଉ ଶବ୍ଦଟିଏ କି ଭାବଟିଏ କେହି ନା କେହି ଥାଆନ୍ତି ତହିଁରେ ଭାଗୁଆଳ । ସବୁ ଭବଭୂତି ମାନେ ବୁଝିଥାନ୍ତି ଯେ କେବେବି କାଳଜୟୀ ନୁହେଁ କବିତା। ତଥାପି ଚିରକାଳ ଜୀଇଁ ରହେ ଚିରନ୍ତନ ସାହିତ୍ୟ ଓ ସତ୍ ସାହିତ୍ୟିକଟିଏର ସ୍ମୃତି । ସେମିତି ଜଣେ ସାରସ୍ୱତ ସାଧକ ଥିଲେ ପ୍ରବୀଣ ଅଧ୍ୟାପକ ଓ ଗବେଷକ, ଏକାଧାରରେ ଜଣେ ଗାଳ୍ପିକ, ପ୍ରାବଂଧିକ, ଶିଶୁ ସାହିତ୍ୟିକ, କବି ତଥା ଜୀବନୀ ଲେଖକ ଡ. କୃଷ୍ଣଚରଣ ବେହେରା ବୋଲି ଡ. ବେହେରାଙ୍କ ସପ୍ତମ ଶ୍ରାଦ୍ଧୋତ୍ସବ ଓ ସ୍ମୃତି ସଭାରେ ମତ ପ୍ରକାଶ ପାଇଛି । ନୂଆବଜାରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ସାହିତ୍ୟିକ ବାସୁଦେବ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ର. ଡ. ବ୍ରଜମୋହନ ମିଶ୍ର ଓ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଡ. ଚିତ୍ତରଂଜନ ବେହେରାଙ୍କ ଗଳ୍ପପୁସ୍ତକ 'ନିଜ ନିଜ ଦୁଃଖ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ପ୍ର. ଡ. ନଟବର ଶତପଥିଙ୍କୁ ଡ. କୃଷ୍ଣଚରଣ ବେହେରା ସ୍ମୃତି ସମ୍ମାନ ଏବଂ ପ୍ରଶାସକ କବି ଧନଞ୍ଜୟ ସ୍ୱାଇଁଙ୍କୁ ଡ. ଶୁଭକାନ୍ତ ବେହେରା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଅର୍ନ୍ତଯ୍ୟାମି ମହାରଣା ଓ ଚୈତାଳି ଖିଲାର ମାନପତ୍ର ପାଠ କରିଥିଲେ । ପ୍ରାରମ୍ଭରେ ସ୍ମୃତି ସଂସଦର ଆବାହକ ପ୍ରେମପୃଥିବୀର ସଂପାଦକ କୈଳାଶ ଚନ୍ଦ୍ର ପଣ୍ଡା ସ୍ୱାଗତ ବକ୍ତବ୍ୟ ଓ ସଂପାଦକ ଡ. ରାଧାରାଣୀ ମହାପାତ୍ର ଅନୁଷ୍ଠାନିକ ବିବରଣ ପ୍ରଦାନ କରିଥିଲେ । ଶାନ୍ତନୁ କୁମାର ରାଉତ ଅତିଥିଙ୍କ ପରିଚୟ ଦେଇଥିଲା ବେଳେ ବିଜୟ କୁମାର ବହଳୀ ବେଦପାଠ କରିଥିଲେ । ଶେଷରେ ମଥୁରା ମୋହନ ବେହେରା ସଭାର ଶେଷ ସ୍ୱର୍ଶ ଦେଇଥିଲେ । ବାଦଲ ମହାପାତ୍ର, ପୁଣ୍ୟଶ୍ଳୋକ ବେହେରା ଓ ଡ. ଶୁଭଶ୍ରୀ ବେହେରା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଭଦ୍ରକର ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାମ୍ବାଦିକ ଏଥିରେ ଯୋଗ ଦେଇଥିଲେ ।

# ସଙ୍କଟରେ ଦିବ୍ୟାଙ୍ଗ ସନାତନଙ୍କ ପରିବାର: ସରକାରୀ ବେସରକାରୀ ସହାୟତା ଦାବି କଲେ ଗ୍ରାମବାସୀ

ଖଇରା, ୨୯/୭ (ନି.ପ୍ର): ବାଲେଶ୍ୱର ଜିଲା ଗଗନଧୁଳି ପଞ୍ଚାୟତ ମଛଦା ଗ୍ରାମରେ ସଂଘର୍ଷମୟ ଓ ସଙ୍କଟାପର୍ଣ୍ଣ ଅବସ୍ଥାରେ ଜିବନ ବିତାଉଛନ୍ତି ଦିବ୍ୟାଙ୍ଗ ସନାତନ ମଲ୍ଲିକ (୩୦)ଙ୍କ ପରିବାର । ୬ସଦସ୍ୟଙ୍କ ମଧ୍ୟରୁ ୫ଜଣ ଦିବ୍ୟାଙ୍ଗଙ୍କ ଜିବନ ଏବେ ଅଭିଶପ୍ତ ହୋଇ ପଡିଛି । ଉକ୍ତ ପରିବାରକୁ ସରକାରୀ ଓ ବ୍ୟକ୍ତିଗତ ସ୍ତରରେ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ବାପା ବାହାଦୁର ୭ବର୍ଷ ତଳୁ ମୃତ୍ୟୁ ବରଣ କରିଥିବା ବେଳେ ମା ଚଞ୍ଚଳା ମାନସିକ ଅଗ୍ରସର ବ୍ୟକ୍ତି ହୋଇଥିବା ବେଳେ ସେ ନିଜେ ଓ ଅବିବାହିତ ଭଉଣୀ ପାର୍ବତୀ ଶାରିରୀକ ଅକ୍ଷମ । ଦୁର୍ଭାଗ୍ୟକୁ ସନାତନଙ୍କର ୨ପୁତ୍ର ସନ୍ତାନ ଆୟୁଷ୍ମାନ(୫) ଓ ଅଭିଷେକ(୩) ମଧ୍ୟ ଜନ୍ମରୁ ଶାରିରୀକ ଅକ୍ଷମ । ଗୁଣ୍ଠେ ଚାଷଜମି ନଥିବାବେଳେ କେବଳ ୬ପ୍ରାଣି ଙ୍କ ଝାଟିମାଟି ଘର ହିଁ ଏକମାତ୍ର ବାସସ୍ଥଳି ।



ସନାତନ,ପାର୍ବତୀ ଓ ଚଞ୍ଚଳାଙ୍କୁ ମିଳୁଥିବା ଭତ୍ତା ଟଙ୍କା ଚଳିବା ପାଇଁ ସମୁଦ୍ରକୁ ଶଙ୍ଖେ ଥିବା ବେଳେ ସନାତନ ହାଟ ବଜାରରେ ବାସନ ମାଜିବା କାମ ଓ ଭଉଣୀ ପାର୍ବତୀ ଘର ଘର ବୁଲି ଟିଉସନ କରନ୍ତି । ପାର୍ବତୀ ବିଏ ପାସ କରିଥିଲେ ହେଁ ପଇସା ଖର୍ଚ୍ଚ କରିପାରିଲେନି ବୋଲି ଦିବ୍ୟାଙ୍କ କୋଟାରେ ଚାକିରି ଖଣ୍ଡେ ମିଳିଲାନି । ବୈଶାଖ ମାସ ଝଡବର୍ଷାରେ ଝାଟିମାଟି ଛପର ଘରଟି ନଷ୍ଟ ହୋଇଗଲା । ଏବେ ସାମାନ୍ୟ ପବନ ଆସିଲେ ପରିବାର ଲୋକେ ଆତଙ୍କିତ ଅବସ୍ଥାରେ ରାତ୍ରି ଯାପନ କରୁଛନ୍ତି । ରାଜସ୍ୱ ବିଭାଗ ତରଫରୁ ସହାୟତା ପାଇଁ ପ୍ରତିଶୃତି ଦିଆଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଘର ମରାମତି କିମ୍ବା ନିର୍ମାଣ ପାଇଁ କିଛି ସହାୟତା ମିଳିନଥିବାର ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମଧ୍ୟ ମିଳିନଥିବାରୁ ଖରା ବର୍ଷା ଏବେ ଚିର ସହଚର ପାଲଟିଛି । ଭାଜପା ଯୁବନେତା ନିଳମାଧବ ପଣ୍ଡା ଦିବ୍ୟାଙ୍ଗ ସନାତନ ପରିବାରକୁ ଭେଟି ସହାୟତା ପାଇଁ ପ୍ରତିଶୃତି ଦେଇଛନ୍ତି । ସ୍ଥାନୀୟ ସରପଞ୍ଚ ମଦନ ମୋହନ ସାନ୍ତରାଁଙ୍କୁ ପଚାରିବାରେ ସରକାରୀ ସ୍ତରରେ ସହାୟତା ପାଇଁ ସେ ଯଥାସମ୍ଭବ ପ୍ରୟାସ ଜାରି ରଖିଥିବା କହିଛନ୍ତି ।

# ସରସ୍ୱତୀ ଶିଶୁମନ୍ଦିରରେ କ୍ଷୀରୋଦା ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ବାଲିଆପାଳ/ଲଙ୍ଗଳେଶ୍ୱର, ୨୯/୭ (ନି.ପ୍ର): ପୂଜ୍ୟ ପୂଜାର ପରମ୍ପରା ବିନା ସାମାଜିକ ସଂସ୍କାର ଅଧୁରା। ସଂସ୍କାର ବିହୀନ ବ୍ୟକ୍ତି କେବେ ଆଧାତ୍ମିକ ହୋଇ ପାରନ୍ତି ନାହିଁ ବୋଲି ସୋମ ବାର ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରା ପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କ୍ଷୀରୋଦା ମଣି ବେହେରାଙ୍କ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭାରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷାବିତ୍ ତଥା ସାହିତ୍ୟିକ ଡଃ ବିଜୟ କୁମାର ଦେ , ବାଲିଆପାଳ ସାରସ୍ୱତ ସହର ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ



କୁମାର ଗିରି , ଅବସର ପ୍ରାପ୍ତ ଶିକ୍ଷକ ବଂଶୀ ଧର ସାହୁ, ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ମାନସ ବେହେରା , ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ବନିତା ବେହେରା ପ୍ରମୁଖ ଯୋଗ ଦେଇ କ୍ଷୀରୋଦାମଣି ଦେବୀଙ୍କ ତ୍ୟାଗ ପୁତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ ।ଏହି ଅବସରରେ କେତେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତାଙ୍କ ତରଫରୁ ଅତିଥିମାନେ ପଢା ବ୍ୟାଗ୍ ବଣ୍ଟନ କରି ଥିଲେ। ଗୁରୁମା କୃଷ୍ଣା ସୁର, ସୁକାନ୍ତ ପ୍ରଧାନ, ଅନ୍ନପୂର୍ଣ୍ଣା ଜେନା, ବିଦ୍ୟୁତ ପ୍ରଭା ଦେ , ରାଜେଶ୍ ଦେ , ନିର୍ମଳ କୁମାର ଧଳ, ଜଳ ଧର ଦେ , ଚିନ୍ମୟୀ କର, ଝୁନା ରାଣୀ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ବିଲରେ କାମ କରୁଥିବାବେଳେ ବଜ୍ରପାତରେ ମହିଳା ମୃତ

ଲଙ୍ଗଳେଶ୍ୱର, ୨୯/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ସୁନାରୂଇ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା । ସୂଚନା ଅନୁଯାୟୀ , ସୁନାରୂଇ ଗ୍ରାମର କାଳି ଚରଣ ଜେନାଙ୍କ ସ୍ତ୍ରୀ ବାସନ୍ତୀ ଜେନା ସୋମ ବାର ସକାଳେ ବିଲକୁ ଧାନ ତଳି ରୁଇବା ପାଇଁ ଯାଇ ଥିଲେ । ହଠାତ ପ୍ରବଳ ବର୍ଷା ଏବଂ ଘଡଘଡି ଆରମ୍ଭ ହେବାରୁ ସେ ବିଲରୁ ଆସୁଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ବାସନ୍ତୀ ସଜ୍ଞାହୀନ ହୋଇ ପଡିଥିଲେ । ପରିବାର ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ ବାସନ୍ତୀଙ୍କ ପରିବାର ଅତ୍ୟନ୍ତ ଗରୀବ ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ପୁଟୁରା ଛକ ନିକଟରେ ବସ ଦୁର୍ଘଟଣା:୭ ଗୁରୁତର ୮ ଆହତ

ବସ୍ତା, ୨୯/୭ (ନି.ପ୍ର): ସୋମବାର ବାଲିଆପାଳ ରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ନୁପୁର ନାମକ ଏକ ଘରୋଇ ଯାତ୍ରୀ ବାହୀ ବସ ସିଂଲା ଥାନା ଅନ୍ତର୍ଗତ ପୁଟୁରା ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇ ୧୫ ଯାତ୍ରୀ ଊଣା ଅଧିକେ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ଯାତ୍ରୀ ଗୁରୁତର ଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ଏହି ବସ ଟି ଦ୍ରୁତ ଗତିରେ ଯାଉଥିବା ବେଳେ ହଠାତ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗୋଟିଏ ଗଛ ଦେହରେ ବାଡେଇ ହୋଇ ଅଟକି ଯାଇଥିଲା। ବସରେ ୩୦ ରୁ ଉର୍ଦ୍ଧ୍ୱ ଯାତ୍ରୀ ବସିଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ଯାତ୍ରୀ ଗୁରୁତର ହୋଇ ବସ୍ତା



ଡାକ୍ତରଖାନା ରେ ଚିକିତ୍ସାଧୀନ ଥିବାବେଳେ ୮ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ପଳାଇ ଯାଇଛନ୍ତି। ଗୁରୁତର ଯାତ୍ରୀ ମାନେ ହେଲେ କୁମ୍ଭାରୀଆଗଡ଼ିର ଜିତୁ ଦଳାଇ, ଫୁଲମଣି ଦଳାଇ, କୁନିମଣି ଦଳାଇ,ଦାନ୍ତନଦାର ସଂଜୁଲତା ରାଉତ,ରାବଣେଶ୍ୱର ର ଭବେଶ ଦେ, ବଣୀଆମାରିର ଗୌରୀମଣି ଦତ୍ତ,ଦୁର୍ଗାଦେବୀର ଭାଗିରଥି ମହାନ୍ତି ପ୍ରମୁଖ।ସିଂଲା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆବଶ୍ୟକୀୟ କାର୍ଯ୍ୟ।ନୁଷ୍ଠାନ ଗ୍ରହଣ କରିଛି।

## ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଲା

ଭୁବନେଶ୍ୱର, ୨୯/୭ (ନି.ପ୍ର): ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଛି। ଗତକାଲି ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ପାର କରି ୧୦୭୬ରେ ପହଂଚିଛି। ଗତବର୍ଷ ଏହି ସମୟରେ ୬୦୦ ଡେଙ୍ଗୁ ରୋଗୀ ଥିଲେ। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୯୦ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସୁନ୍ଦରଗଡ଼ରେ ଆକ୍ରାନ୍ତଙ୍କ ସଂଖ୍ୟା୨୧୦ ରହିଛି।

# ଶେଷରେ ବଦଳି ହେଲେ ବଙ୍କ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଆରତୀ ସାହୁ

ଭଦ୍ରକ, ୨୯/୭ (ନି.ପ୍ର): ଭଦ୍ରକ (ବଙ୍କ ସ୍କୁଲ)ର ପ୍ରଧାନ ଶିକ୍ଷୟତ୍ରୀ ଆରତୀ ସାହୁଙ୍କ ନାମରେ ମାଳ ମାଳ ଅଭିଯୋଗ ହୋଇ ଆସୁଥିଲା । ଏହି ସ୍କୁଲରେ ବ୍ୟାପକ ଅନିୟମିତତା ସାଙ୍ଗକୁ ସ୍କୁଲ ପିଲା ମାନଙ୍କ ଖାଦ୍ୟରେ ହେରାଫେରୀ ଅଭିଯୋଗ ପରେ ଅବିଭାବକ ମାନେ ସ୍କୁଲକୁ ଘେରିଥିଲେ । ଏହାପରେ ବିଇଓଙ୍କୁ ଅଭିଯୋଗ ହୋଇଥିଲା । ସେ ସତ୍ୟତା ଜାଣିବା ପରେ ତାଙ୍କୁ ୨୪/୦୭/୨୦୨୪ ତାରିଖରେ ବଦଳି କରିଥିବା ଜଣା ପଡିଛି କିନ୍ତୁ ପ୍ରଧାନ ଶିକ୍ଷୟତ୍ରୀ ଜଣକ ପୂର୍ବରୁ ବିଜେଡି ନେତାଙ୍କ ସରଣରେ ଥିଲେ ପୁଣି କିଛି ବିଜେପି ଲୋକଙ୍କୁ ଧରି ବିଧାୟକଙ୍କୁ ଭେଟିଥିଲେ । ହେଲେ କିଛି କାମ ଦେଲାନାହିଁ । ଶେଷରେ ତାଙ୍କୁ ସ୍କୁଲ ଛାଡି ଯିବାକୁ ପଡିଛି । ଅନ୍ୟପଟେ ଏହି ସ୍କୁଲର ଅନ୍ୟଜଣେ ଶିକ୍ଷୟତ୍ରୀ ଶ୍ରୀମତୀ ମନ୍ଦାକିନୀ ରାଉତଙ୍କୁ ମଧ ଅନ୍ୟତ୍ର ବଦଳି କରାଯାଇଛି ଯାହା ଉଦେଶ୍ୟମୂଳକ ବୋଲି ଅଭିଯୋଗ ହେଉଛି । ସେ ଜଣେ ଦକ୍ଷ ଏବଂ ଛାତ୍ରବତ୍ସଳ ବୋଲି ସମସ୍ତେ ଜାଣିଛନ୍ତି । ଶ୍ରୀମତୀ ରାଉତ ନିଜେ ସେହି ସ୍କୁଲରେ ଇଂରାଜୀ, ଭୂଗୋଳ, ଗଣିତ, ସାହିତ୍ୟ ପ୍ରମୁଖ ବିଷୟ ପୋଢ଼ାଇ ଆସିବା ସହିତ ପିଲା ମାନଙ୍କର ଅତି ପ୍ରିୟ ଥିଲେ । ତାଙ୍କ ନାମରେ କୌଣସି ଅଭିଯୋଗ ନଥାଇ ଉଦେଶ୍ୟମୂଳକ ଭାବରେ ତାଙ୍କୁ ବିଓ ବଦଳି କରିଥିବା ଅଭିଭାବକ ମାନେ ଅଭିଯୋଗ କରିବା ସହିତ ଆଜି ଏକ ଦାବିପତ୍ର ବିଓଙ୍କୁ ଦେଇଛନ୍ତି । ଯଦି ତାଙ୍କ ବଦଳି ବାତିଲ ନହୁଏ ତାହା ହେଲେ ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ମଧ ବଦଳି କରାଯାଉ ଯେଉଁମାନେ ଦୀର୍ଘଦିନ




ଧରି ଏଠାରେ ଅଛନ୍ତି । ନହେଲେ ଖୁବ ଶିଘ୍ର ଅବିଭାବକ ମାନେ ସ୍କୁଲରେ ତାଲା ପକାଇବେ ବୋଲି କହିଛନ୍ତି । ମମତା ଦଳେଇ, ହରିହର ଚାନ୍ଦ, ଚିନ୍ମୟୀ ମହାଳିକ, ମମତା ମଲ୍ଲିକ, ବାପୁଜୀ ମହାଳିକ, ମିର. ଆକ୍ରାମୁଲ ଅଲ୍ଲୀ ଏବଂ ସୌଦାମିନୀ ସାହୁ ପ୍ରମୁଖ ଆଜି ବିଓଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି ।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଭୁବନେଶ୍ୱର-ପଲାସା ରେଳ ସେକ୍ସନ ନୀରିକ୍ଷଣ

ଭୁବନେଶ୍ୱର, ୨୯/୭ (ନି.ପ୍ର): ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର-ପଲାସା ରେଳ ସେକ୍ସନକୁ ବିସ୍ତୃତ ଭାବେ ନୀରିକ୍ଷଣ କରିଛନ୍ତି। ତାଙ୍କ ସହିତ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ପ୍ରକଳ୍ପ କାର୍ଯ୍ୟର ନିର୍ମାଣକାରୀ ଦଳ ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକଏଚ୍ ଏସ ବାଜୱାଙ୍କ ନେତୃତ୍ୱରେ ମଣ୍ଡଳ ସ୍ତରର ଅଧିକାରୀମାନେ ଯୋଗ ଦେଇଥିଲେ। ନୀରିକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଅମୃତ ଷ୍ଟେସନ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରି ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ସପକ୍ଷରେ ଗୁରୁତ୍ୱାରୋପ କରିଥିଲେ । ଅମୃତ ଷ୍ଟେସନ ପ୍ରକଳ୍ପ ଓ ନୀରିକ୍ଷଣ କରାଯାଇଥିବା ଷ୍ଟେସନ ଗୁଡିକ ହେଉଛି ଭୁବନେଶ୍ୱର, ବାଲୁଗାଁ, ବ୍ରହ୍ମପୁର, ଛତ୍ରପୁର, ଖୋର୍ଦ୍ଧା ରୋଡ୍, ଲିଙ୍ଗରାଜ ଷ୍ଟେସନ ରୋଡ୍, ପଲାସା ଏବଂ ଇଛାପୁରମ୍ ଅନ୍ତର୍ଭୁକ୍ତ। ଏହି ଷ୍ଟେସନଗୁଡିକରେ ଚାଲିଥିବା ନିର୍ମାଣ କାର୍ଯ୍ୟର ବର୍ତ୍ତମାନର ସ୍ଥିତିକୁ ମଧ ମହାପ୍ରବନ୍ଧକଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo